

ପରିକ୍ରମା ପ୍ରକଳ୍ପକୁ ଆଉ ୫ ଦିନ: ଆଲୋକମାଳାରେ ଝଲସୁଛି ଶ୍ରୀମନ୍ଦିର

# ଶିଶୁଗୃହକୁ ଗଲା ବିଜୟିନୀ



**ସମ୍ବଲପୁର, ୧୧।୧(ସମିସ):** ସମ୍ବଲପୁର ଜିଲ୍ଲା ଲାରିପାଲି ଗ୍ରାମର ଏକ ବୋର୍‌ୱେଲରୁ ଉଦ୍ଧାର ଶିଶୁକନ୍ୟା ବିଜୟିନୀକୁ ନୂଆ ଠିକଣା ମିଳିଛି। ଆଜି ତାକୁ ଭିମସାରରୁ ମାନେଶ୍ୱର ବ୍ଲକ ବରଗାଁରେ ଥିବା ରୁକ୍ମିଣୀ ଲାଠ ବାଳନିକେତନ ଶିଶୁ ଗୃହକୁ ଯାଇଛି। ଶିଶୁ ସୁରକ୍ଷା ସମିତିର ବବିତା କର ଶିଶୁକନ୍ୟାକୁ ଗ୍ରହଣ କରିଥିଲେ। ବିଜୟିନୀ ଏଣିକି ସ୍ଥାନୀୟ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିବ। ଭିମସାରର ଡାକ୍ତରମାନେ ମଧ୍ୟ ଶିଶୁକନ୍ୟାର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ନିୟମିତ ସମ୍ପର୍କରେ ରହିବେ ବୋଲି ଭିମସାର କର୍ତ୍ତୃପକ୍ଷ କହିଛନ୍ତି। ରୁକ୍ମିଣୀ ଲାଠ ବାଳନିକେତନର ୨ଜଣ କର୍ମଚାରୀ କିଛି ଦିନ ହେଲା ଭିମସାରରେ ରହି ଶିଶୁର ଯତ୍ନ କିପରି ନିଆଯିବ ସେନେଇ ତାଲିମ ନେଇଛନ୍ତି। ଏ ସମ୍ପର୍କରେ ଶିଶୁ ସୁରକ୍ଷା ସମିତି ସଭାପତି ପ୍ରଶାନ୍ତ ପାଢ଼ୀ କହିଛନ୍ତି, ଶିଶୁ କନ୍ୟାକୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରି ଆଜି ଆମ ପାଖରେ ଭର୍ଚୁଆଲରେ ଦାଖଲ କରିଥିଲେ। ଶିଶୁକନ୍ୟା ଶିଶୁ ଗୃହରେ ରହିଛି। ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ ନିୟମ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଶିଶୁ କନ୍ୟାଟି କାହାର, କେହି ଦାବି କରିନାହାନ୍ତି। ଦାବି କରିବା ପାଇଁ ସମୟ ଦିଆଯିବ। ପୁଲିସ ପକ୍ଷରୁ ମଧ୍ୟ କୌଣସି ତଦନ୍ତ ରିପୋର୍ଟ ଦିଆଯାଇ ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ନଭେମ୍ବର ୧୨ତାରିଖ ରେଙ୍ଗାଲି ବ୍ଲକ ଲାରିପାଲିର ଜଙ୍ଗଲ ଭିତରେ ଥିବା ଏକ ପରିତ୍ୟକ୍ତ ବୋରୱେଲରୁ ବିଜୟିନୀକୁ ଉଦ୍ଧାର କରାଯାଇଥିଲା। ସେହିଦିନଠାରୁ ସେ ଭିମସାରରେ ଚିକିତ୍ସିତ ହେଉଥିଲା।

# ଭାଷା ସାହିତ୍ୟର ବିକାଶ ଦିଗରେ 'ସାହିତ୍ୟ ସୃଜନୀ' ଛାତ୍ର କ୍ଲବ୍

**ଭୁବନେଶ୍ୱର, ୧୧।୧(ସମିସ):** ଫେବ୍ରୁଆରୀ ୩ରୁ ୫ ମଧ୍ୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଲକ୍ଷଲକ୍ଷ ଓଡ଼ିଆ ଭାଷାପ୍ରେମୀ ତଥା ଓଡ଼ିଆ ସାହିତ୍ୟାନୁରାଗୀଙ୍କୁ ଏକାଠି ହେବେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆରମ୍ଭ କରିବାକୁ ଯାଉଛି ଏକ ଅଭିନବ ପ୍ରୟାସ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଛାତ୍ରଛାତ୍ରୀଙ୍କ ରୁଚି ବଢ଼ାଇବାକୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ 'ସାହିତ୍ୟ ସୃଜନୀ' ଛାତ୍ର କ୍ଲବ୍ ଜରିଆରେ ପିଲାଙ୍କ ସୃଜନ ଶକ୍ତି ବୃଦ୍ଧି ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଯାଇଛି। 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ରାଜ୍ୟର ପ୍ରାୟ ସମସ୍ତ ବିଦ୍ୟାଳୟର ୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଆସନ୍ତା ୧୬ରୁ ୨୦ ଜାନୁଆରୀ ମଧ୍ୟରେ 'ସାହିତ୍ୟ ସୃଜନୀ' ଛାତ୍ର କ୍ଲବ୍ ଜରିଆରେ ପ୍ରକାଶ କରିବାକୁ ଯାଉଛନ୍ତି ୭ ଲକ୍ଷ ସାହିତ୍ୟ ରଚନା। 'ମୋ କଥା, ମୋ କାହାଣୀ' ନାମରେ ଏହି କୃତି ଓଡ଼ିଶାର ବିଦ୍ୟାଳୟ ଶିକ୍ଷା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ୭ ଲକ୍ଷ କୁନି କୁନି ପିଲାଙ୍କ ଦ୍ୱାରା ପ୍ରକାଶିତ ସାହିତ୍ୟ କୃତିର ବିରଳ ରେକର୍ଡକୁ 'ଗିନିଜ୍ ବୁକ୍ ଅଫ୍ ୱାଲଡ୍ ରେକର୍ଡ୍ସ'ରେ ମଧ୍ୟ ସ୍ଥାନିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତୃଣମୂଳ ସ୍ତରରେ ଏହି ଉଦ୍ୟମ ପିଲାଙ୍କ ଦକ୍ଷତା ବୃଦ୍ଧି ସହ ସୃଜନାତ୍ମକ ଚିନ୍ତାଧାରା ଏବଂ ସାହିତ୍ୟ ପ୍ରତି ଅନୁରାଗ ବୃଦ୍ଧିରେ ସହାୟକ ହେବ। ବିଭିନ୍ନ ପର୍ଯ୍ୟାୟରେ ବିଦ୍ୟାଳୟମାନଙ୍କରେ 'ସାହିତ୍ୟ ସୃଜନୀ'ର ୨୫ଟି ଅଧିବେଶନ ଜରିଆରେ ପାଠାଗାର, ପୁସ୍ତକ ସମୀକ୍ଷା, ପ୍ରାଚୀରପତ୍ର, କାହାଣୀ କଥନ, ଗଳ୍ପ ଲିଖନ, ଶବ୍ଦ କୁହୁକ, କବିତା ଆବୃତ୍ତି, ଭ୍ରମଣ କାହାଣୀ, କ୍ଷୁଦ୍ର ନାଟକ ଓ ଏକାଙ୍କିକା ତଥା ଏକକ ଅଭିନୟ ଭଳି ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ବିଭାଗରେ ପିଲାଙ୍କୁ ପାରଙ୍ଗମ କରିବାକୁ ସ୍କୁଲ ସ୍ତରରେ ଉଦ୍ୟମ ଜାରି ରହିଛି।

**ଯୋଡ଼ି ହେବେ ୭ ଲକ୍ଷ ଛାତ୍ରଛାତ୍ରୀ**

# ରକ୍ତ ଦେଇ ଗର୍ଭବତୀଙ୍କୁ ବଞ୍ଚାଇଲେ ଆମ୍ବୁଲାନ୍ସ ଚାଳକ

**ବୁର୍ଲା, ୧୧।୧(ସମିସ):** ଜଣେ ଗର୍ଭବତୀଙ୍କୁ ନୂଆ ଜୀବନ ଦେଇଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ସୁନ୍ଦରଗଡ଼ ଜିଲ୍ଲା ସବଡ଼େଗା ବ୍ଲକ ଅନ୍ତର୍ଗତ ପଞ୍ଚମାହାଳ ଗ୍ରାମର ଇଚ୍ଛା ସନ୍ଧା (୨୨) ନାମକ

## ଆଜି ବି ବଞ୍ଚିଛି ମଣିଷପଣିଆ

ଜଣେ ଗର୍ଭବତୀଙ୍କୁ ଗୁରୁତର ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ବୁର୍ଲାସ୍ଥିତ ଭିମସାରରେ ରଖାଯାଇଥିଲା। ମାତ୍ର ସେଠାରେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡ଼ିଥିଲା। ତେଣୁ ଡାକ୍ତର ତୁରନ୍ତ ଚିକିତ୍ସା ଲାଗି ଏ ପଜିଟିଭ ବ୍ଲଡ୍ ଗ୍ରୁପ୍‌ର ରକ୍ତ ଯୋଗାଡ଼ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏହି ସମୟରେ ଡାକ୍ତରଖାନା ବ୍ଲଡ ବ୍ୟାଙ୍କରେ ଏ ପଜିଟିଭ ବ୍ଲଡ୍ ଗ୍ରୁପର ରକ୍ତ ଉପଲବ୍ଧ ନଥିବାରୁ ମହିଳାଙ୍କ ସମ୍ପର୍କୀୟମାନେ ଉପାୟଶୂନ୍ୟ ହୋଇପଡ଼ିଥିଲେ। ଠିକ ସେହି ସମୟରେ ଅନ୍ୟ ଜଣେ ରୋଗୀଙ୍କୁ ନେଇ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଜ୍ଞାନପ୍ରକାଶ ସୁରିନ ଭିମସାରକୁ ଆସିଥିଲେ। ସେ ଉକ୍ତ ଗର୍ଭବତୀ ମହିଳାଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସୌଭାଗ୍ୟବଶତଃ ତାଙ୍କର ବ୍ଲଡ ଗ୍ରୁପ ମଧ୍ୟ ଏ ପଜିଟିଭ ଥିଲା। ତେଣୁ ସେ ବିନା କୌଣସି ଦ୍ୱିଧାରେ ତୁରନ୍ତ ରକ୍ତ ଦେବା ପାଇଁ ଆଗେଇ ଆସିଥିଲେ। ଆଜି ତାଙ୍କର ଏହି ମାନବିକତା ଯୋଗୁଁ ଗର୍ଭବତୀଜଣଙ୍କ ଏବ ବଡ଼ ସଙ୍କଟରୁ ବର୍ତ୍ତି ଯାଇଛନ୍ତି।



**ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପୁନର୍ଗଠିତ**

# ଅମର ପଟ୍ଟନାୟକ ମୁଖ୍ୟ ଉପଦେଷ୍ଟା

**ଭୁବନେଶ୍ୱର, ୧୧।୧(ସମିସ):** ବିଜୁ ଜନତା ଦଳ ପକ୍ଷରୁ ଦଳର ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ପୁନଃଗଠନ କରାଯାଇଛି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱାକ୍ଷର ସମ୍ବଳିତ ବିଜ୍ଞପ୍ତିରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ରାଜ୍ୟସଭା ସାଂସଦ ଡ. ଅମର ପଟ୍ଟନାୟକଙ୍କୁ ସାଂସ୍କୃତିକ ସାମ୍ମୁଖ୍ୟର ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ମିଳିଛି। ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଓ ଦେବୀପ୍ରସାଦ ମିଶ୍ରଙ୍କୁ ବରିଷ୍ଠ ଉପଦେଷ୍ଟା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ବିଧାୟିକା ଲତିକା ପ୍ରଧାନ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଏବଂ ଅବସରପ୍ରାପ୍ତ ପ୍ରଶାସକ ଡ. ଗୋପବନ୍ଧୁ ଦାସଙ୍କୁ ସ୍ଥାନ ଦିଆଯାଇଛି। ରବି ନାରାୟଣ ନନ୍ଦ ଆବାହକ ଓ ପ୍ରବୀର ମହାନ୍ତି ମୁଖ୍ୟ ସଂଯୋଜକ ରହିଛନ୍ତି। ସାମ୍ମୁଖ୍ୟର ରାଜ୍ୟ କମିଟିରେ ଡ. ଜୀବନ ଦୀକ୍ଷିତ୍, ଡ. ମିହିର ପଟ୍ଟନାୟକ, ନିଶାମଣି ମହାନ୍ତ, ଅବଧୂତ ସଞ୍ଜୟ ଦାସ, ଡ. ଗୌରୀ ବେହେରା, ଜୟମଙ୍ଗଳ ବିଶି, ଅନାଦି ଖଡା, କୃଷ୍ଣ ପ୍ରସାଦ ମହାପାତ୍ର, ଗଙ୍ଗାଧର ହେମ୍ବ୍ରମ୍ ଓ କାରୁ ମୁର୍ମୁ ଆଦି ୧୦ ଜଣଙ୍କୁ ସ୍ଥାନ ଦିଆଯାଇଛି। ଅନୁରୂପ ଭାବରେ ୩୦ଟି ଯାକ ଜିଲ୍ଲା ପାଇଁ ଦଳ ପକ୍ଷରୁ ସଂଯୋଜକଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି।

**● ରାସାୟନିକ ବିପର୍ଯ୍ୟୟର ମୁକାବିଲାକୁ ଗୁରୁତ୍ୱ**

# ୧୦ ଜିଲ୍ଲାର ୨୮ ଟି ଶିଳ୍ପ ଅନୁଷ୍ଠାନରେ ମକ୍-ଡ୍ରିଲ୍

**ଭୁବନେଶ୍ୱର, ୧୧।୧(ସମିସ):** ରାସାୟନିକ ବିପର୍ଯ୍ୟୟର ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛି ଓସ୍‌ଡମା। ଗୁରୁବାର ରାଜ୍ୟର ୧୦ ଜିଲ୍ଲାର ୨୮ ଟି ଶିଳ୍ପ ଅନୁଷ୍ଠାନ ଓ ପାରାଦ୍ୱୀପ ବନ୍ଦରଠାରେ ଏକ ମକ୍-ଡ୍ରିଲ୍ କରାଯାଇଛି। ଶିଳ୍ପ ଅନୁଷ୍ଠାନଗୁଡ଼ିକରେ କେବେ କୌଣସି ପ୍ରକାର ରାସାୟନିକ ଗ୍ୟାସ୍ ଲିକ୍ ହେବା, ବିସ୍ଫୋରଣ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଦୁର୍ଘଟଣା ଘଟିଲେ କିପରି ତାହାର ମୁକାବିଲା କରାଯିବ, ସେ ସଂପର୍କରେ ଏଥିରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ, ଶିଳ୍ପ ସଂସ୍ଥା, ଜାତୀୟ ଓ ରାଜ୍ୟସ୍ତରୀୟ ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ଓ ପ୍ରଭାବିତ ହେବାକୁ ଥିବା ଜନସାଧାରଣ ପ୍ରମୁଖ ସାମିଲ୍ ହୋଇ ବିପର୍ଯ୍ୟୟ ମୁକାବିଲାର କୌଶଳ ଶିଖିଥିଲେ। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ଶିଳ୍ପାନୁଷ୍ଠାନ, ସ୍ଥାନୀୟ ପୁଲିସ, ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ, ପଞ୍ଚାୟତିରାଜ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରେ ଆଭାସୀ ମାଧ୍ୟମରେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପରିଚାଳନା ନିର୍ଦ୍ଦେଶକ ଡ. ଜ୍ଞାନ ଦାସ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମକ୍-ଡ୍ରିଲ୍‌ରୁ ମିଳିଥିବା ଅଭିଜ୍ଞତା ଆଧାରରେ ଆଗାମୀ ଦିନରେ ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ଏଥିରେ ଆଲୋଚନା ହୋଇଥିଲା।

# ଜାତୀୟ ପ୍ରାଣିଧନ ମିଶନ ପକ୍ଷରୁ ଉଦ୍ୟମିତା ବିକାଶ କର୍ମଶାଳା

**ଭୁବନେଶ୍ୱର, ୧୧।୪(ସମିସ):** ଜାତୀୟ ପ୍ରାଣିଧନ ମିଶନ ଅଧୀନରେ ଉଦ୍ୟୋଗ ବିକାଶ ଉପରେ ଏକ କର୍ମଶାଳା ଆଜି ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟର୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପ୍ରାଣୀପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ବ୍ୟାଙ୍କଗୁଡ଼ିକ ଦ୍ୱାରା କ୍ରେଡିଟ୍ ଲିଙ୍କେଜ୍ ମାଧ୍ୟମରେ ପ୍ରାଣୀପାଳନ ୟୁନିଟ୍ ପ୍ରତିଷ୍ଠା ଓ ରାଜ୍ୟର ଉଦ୍ୟୋଗୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ, ପ୍ରାଣୀପାଳନ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ପାଇଁ ୨୦୧୪-୧୫ ମସିହାରେ ଜାତୀୟ ପ୍ରାଣୀଧନ ମିଶନ ଆରମ୍ଭ କରାଯାଇଛି। ଜାତୀୟ ପ୍ରାଣିଧନ ମିଶନ୍ ଅଧୀନରେ ବିଭିନ୍ନ ପ୍ରାଣୀପାଳନ ସମ୍ବନ୍ଧୀୟ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୫୦ ପ୍ରତିଶତ ସବସିଡି ଯୋଗାଇ ଦିଆଯାଉଛି। କୁକୁଡ଼ା ଫାର୍ମ ପାଇଁ ୨୫ଲକ୍ଷ, ଛେଳି ଫାର୍ମ ପାଇଁ ୫୦ଲକ୍ଷ, ଘୁଷୁରି ଫାର୍ମ ପାଇଁ ୩୦ ଲକ୍ଷ ଟଙ୍କା ଏବଂ ଗୋ-ଖାଦ୍ୟ ୟୁନିଟ୍ ପାଇଁ ୫୦ଲକ୍ଷ ଟଙ୍କାର ସବସିଡ୍ ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାରଙ୍କ ପ୍ରାଣୀପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ସର୍ବେଶ୍ୱର ମାଝୀ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ସଂଯୋଜକ ଗୌତମ ପାତ୍ର, ପ୍ରାଣୀପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ସହକାରୀ କମିଶନର ଅନିର୍ବାଣ ଗୁହା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାଣୀପାଳନ ନିର୍ଦ୍ଦେଶକ ତଥା ପ୍ରାଣୀ ଚିକିତ୍ସକ ରାମାଶିଷ ହାଜରା ସ୍ୱାଗତ ଭାଷଣ ଦେଇଥିଲେ।

# ଠକ ଜ୍ୟୋତିଷକୁ ଭଦ୍ରକରୁ ଉଠାଇଲା କମିସନରେଟ୍ ପୁଲିସ

**ଭୁବନେଶ୍ୱର, ୧୧।୧ (ସମିସ):** ପାରିବାରିକ ସମସ୍ୟାର ସମାଧାନ କରିବା ଆଳରେ ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ଜ୍ୟୋତିଷକୁ ଉଠାଇ ଆଣିଛି କମିସନରେଟ୍ ପୁଲିସ। ଗିରଫ ଜ୍ୟୋତିଷ ହେଉଛି ଭଦ୍ରକର ନୀଳାମ୍ବର ପାଣି। ତାକୁ ଉଠାଇ ଆଣିବା ପରେ ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି ପୁଲିସ। ଅଭିଯୋଗ ଅନୁଯାୟୀ, ନୀଳାମ୍ବର ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରେରଣାଦାୟୀ ଭିଡିଓ ପୋଷ୍ଟ କରେ। କେତେବେଳେ ନିଜକୁ ଜ୍ୟୋତିଷ ତ କେତେବେଳେ ଇଞ୍ଜିନିୟର ଭାବେ ପରିଚୟ ଦେଇ ପାରିବାରିକ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଉଥିଲା। ସାମାଜିକ ଗଣମାଧ୍ୟମରେ ଭିଡ଼ିଓ ଦେଖିବା ପରେ ଭୁବନେଶ୍ୱରର ଜଣେ ମହିଳା ତାଙ୍କୁ ଯୋଗାଯୋଗ କରି ପାରିବାରିକ ସମସ୍ୟା ଜଣାଇଥିଲେ। ନୀଳାମ୍ବର ତାଙ୍କୁ ଏକ ଘରେ ଦେଖା କରି ପାରିବାରିକ ସମସ୍ୟା ସମାଧାନ ପାଇଁ ବିଭିନ୍ନ ଉପାୟ ଦେଇଥିଲା। ଏଥିଲାଗି ସେ ମହିଳାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏମିତିକି ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା ବୋଲି ଅଭିଯୋଗ ହୋଇଛି। ପାରିବାରିକ ସମସ୍ୟାର ସମାଧାନ ନହେବାରୁ ଠକେଇର ଶିକାର ହୋଇଥିବା ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। କେବଳ ଜଣେ ନୁହନ୍ତି ଏକାଧିକ ମହିଳା ନୀଳାମ୍ବର ଦ୍ୱାରା ଠକେଇର ଶିକାର ହୋଇଥିବା ପୁଲିସ ଅନୁମାନ କରୁଛି। ଠକେଇର ଶିକାର ହୋଇଥିବା ଲୋକମାନେ ଥାନାରେ ଅଭିଯୋଗ କରିବାକୁ ପୁଲିସ କହିଛି।

**ଜଙ୍ଗଲ ଆଚ୍ଛାଦନ ମ୍ୟାପିଂ**

# ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କର

**ଭୁବନେଶ୍ୱର, ୧୧।୧(ସମିସ):** ବନୀକରଣ ପୂର୍ବରୁ, ବନୀକରଣ ସମୟରେ ଓ ବନୀକରଣ ପରେ ଜଙ୍ଗଲ ଆଚ୍ଛାଦନ ମ୍ୟାପିଂ ଅଧ୍ୟୟନ ପାଇଁ ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରିବାକୁ ମୁଖ୍ୟ ଶାନସ ସଚିବ ପ୍ରଦୀନ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ବର୍ଷ ପରେ ଏବଂ ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହି ବ୍ୟବସ୍ଥା କରାଗଲେ କେତେ ପରିମାଣରେ ଜଙ୍ଗଲ ସୃଷ୍ଟି ହୋଇଛି, ତାହାର ସଠିକ୍ ଆକଳନ କରାଯାଇପାରିବ ବୋଲି ଶ୍ରୀ ଜେନା କହିଛନ୍ତି। ଗୁରୁବାର ଲୋକ ସେବା ଭବନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ପ୍ରାଧିକରଣ (କାମ୍ପା) ର ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। କାମ୍ପା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ଯେ ବୃକ୍ଷରୋପଣ ପରିଚାଳନାରେ ୧୦ ବର୍ଷ ମଧ୍ୟରେ ଭୂତଳ ଜଳ ଭରଣରେ କେତେ ସହାୟକ ଏବଂ ମୃତ୍ତିକା କ୍ଷୟକୁ ରୋକାଯାଇପାରିଛି, ସେ ସମ୍ପର୍କରେ ତଥ୍ୟ ରଖିବାର ଆବଶ୍ୟକତା ରହିଛି। ବନୀକରଣ ସମ୍ପୃକ୍ତ ଅଞ୍ଚଳର ଜୀବିକା ନିର୍ବାହ ପାଇଁ ସହାୟତା କରିବାର ଆବଶ୍ୟକତା ରହିଛି ଏବଂ ଏହାକୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ସେ ପରାମର୍ଶ ଦେଇଛନ୍ତି। ବନରକ୍ଷୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଜଙ୍ଗଲ ନିଆଁରୁ ସୁରକ୍ଷା ପାଇଁ ସ୍ଥାନୀୟ ସମ୍ପ୍ରଦାୟ, ବନ ସୁରକ୍ଷା ସମିତିକୁ ସାମିଲ କରାଯିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଜୈବମଣ୍ଡଳ ସଂରକ୍ଷଣ ଏବଂ ଜଙ୍ଗଲ ଅଞ୍ଚଳକୁ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଯାନଚାଳକମାନଙ୍କ ପାଇଁ ସ୍ୱଳ୍ପଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବାର୍ଷିକ ପରିଚାଳନା ଯୋଜନା (ଏପିଓ)-୨୦୨୪-୨୫ ଅନୁମୋଦନ ପାଇଁ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା। ଏହି ଯୋଜନାରେ ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ ବୃକ୍ଷରୋପଣ, ରକ୍ଷଣାବେକ୍ଷଣ, କ୍ଷତିପୂରଣ ବନୀକରଣ, ଆଞ୍ଚଳିକ ବନ୍ୟପ୍ରାଣୀ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା, ସ୍ଥାନ ନିର୍ଦ୍ଦିଷ୍ଟ ଭିତ୍ତିରେ ବନ୍ୟ ପ୍ରାଣୀ ପ୍ରକଳ୍ପ, ନଷ୍ଟ ହୋଇଥିବା ବାଉଁଶ ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା, ଜଙ୍ଗଲରେ ନିଆଁ ଲାଗିବା ଜନିତ ସୁରକ୍ଷା, ଆମ ଜଙ୍ଗଲ ଯୋଜନା, ଭିତ୍ତିଭୂମି, ଗବେଷଣା ଓ ଦକ୍ଷତା ବୃଦ୍ଧି ଇତ୍ୟାଦି କାର୍ଯ୍ୟ ପାଇଁ ୧୦୪୪.୪୭ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ରାଜ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଉପଲବ୍ଧ ପାଣ୍ଠି ଏବଂ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରୁଥିବା ବିଭାଗମାନଙ୍କରୁ ମିଳିଥିବା ପ୍ରସ୍ତାବକୁ ଆଧାର କରି ଏହା ପ୍ରସ୍ତୁତ କରାଯାଇଛି। ଏପିଓ ୨୦୨୪-୨୫ରେ କ୍ଷତିପୂରଣ ବନୀକରଣ ପାଇଁ ପ୍ରସ୍ତାବିତ ଅଞ୍ଚଳ ହେଉଛି ୭୧୭୪.୨୦୩ ହେକ୍ଟର। ନୂଆ ଜଙ୍ଗଲ ସୃଷ୍ଟି (ଏଆର) ଅଧୀନରେ ନୂତନ ୧୭୧୯୭ ହେକ୍ଟରରେ ବୃକ୍ଷରୋପଣ ହେବ ଏବଂ ସହାୟକ ପ୍ରାକୃତିକ ଜଙ୍ଗଲର ପୁନରୁଦ୍ଧାର (ଏଏନଆର) ଅଧୀନରେ ୧୬୭୫.୫ ହେକ୍ଟର ଜମିରେ ବନୀକରଣ ହେବ ବୋଲି ନିଷ୍ପତ୍ତି ହୋଇଛି।

# ଫେସ୍‌ବୁକ୍‌ରେ ପ୍ରଧାନମନ୍ତ୍ରୀଙ୍କୁ ଗାଳି

**ଭୁବନେଶ୍ୱର, ୧୧।୧(ସମିସ):** ଫେସ୍‌ବୁକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗାଳି ଦେଇ କମେଣ୍ଟ ପୋଷ୍ଟ କରିବା ଘଟଣାରେ ସାଇବର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆବଶ୍ୟକ ତଥ୍ୟ ପାଇଁ ପୁଲିସ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌କୁ ଚିଠି ଲେଖିଛି। ତଥ୍ୟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିତା ଜେନା କହିଛନ୍ତି। ଏ ସମ୍ପର୍କରେ ଗତ ବୁଧବାର ବିଜେପିର ଏକ ପ୍ରତିନିଧିମଣ୍ଡଳୀ ସାଇବର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଗ୍ରହଣ କରି ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ଲାକ୍ଷାଦ୍ୱୀପ ସମୁଦ୍ରରେ 'ସ୍କୁବା ଡାଇଭିଙ୍ଗ' କରୁଥିବାର ଫଟୋ ଫେସବୁକ୍‌ରେ ପୋଷ୍ଟ ହୋଇଛି। ଏହି ଫଟୋରେ ଅଶ୍ଳୀଳ ଭାଷା ପ୍ରୟୋଗ କରି ପ୍ରଧାନମନ୍ତ୍ରୀଙ୍କୁ ଗାଳି ଦିଆଯାଇଥିବା ବିଜେପି ପକ୍ଷରୁ ଅଭିଯୋଗ ଅଣାଯାଇଥିଲା।

# ମନ୍ଦିର ବାରଣ୍ଡାରେ ଶିଶୁକୁ ହତ୍ୟା

**ଡାବୁଗାଁ,୧୧।୧(ସମିସ):** ନବରଙ୍ଗପୁର ଜିଲ୍ଲା ବୋରିଗାଁ ପଞ୍ଚାୟତ ଅଧୀନ ମେଣ୍ଡ୍ରା ଗାଁ ନିକଟ ସରଗୁଲି ପାହାଡ଼ରେ ଥିବା ଶିବ ମନ୍ଦିର ବାରଣ୍ଡାରେ ଏକ ୫ ବର୍ଷର ଶିଶୁକୁ ଗୁରୁବାର ପୂର୍ବାହ୍ନରେ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ଶିଶୁଟି ହେଉଛି ଉକ୍ତ ମନ୍ଦିରର ପୂଜକ ସନାଧର ପୂଜାରୀଙ୍କ ପୁଅ। ଖବର ପାଇ ପୁଲିସ ଜଣେ ଅଭିଯୁକ୍ତକୁ ଅଟକ ରଖି ତଦନ୍ତ ଚଳାଇଛି। ସେ ହେଲା ସେହି ଗାଁର ଜଳେନ୍ଦ୍ର ସାନ୍ତା (୨୫)। ଗୁରୁବାର ସକାଳୁ ସନାଧର ମନ୍ଦିରକୁ ପୂଜା କରିବାକୁ ଯାଇଥିବା ବେଳେ ଜଳେନ୍ଦ୍ର ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଜଳେନ୍ଦ୍ର ରାଗିଯାଇ ପାଖରେ ଖେଳୁଥିବା ସନାଧରଙ୍କ ୫ବର୍ଷର ଶିଶୁପୁତ୍ର ଚନ୍ଦନ ପୂଜାରୀକୁ ବାରଣ୍ଡାରେ କଚାଡ଼ି ହତ୍ୟା କରିଥିଲା।

# '୫-ଟି' ଅଧ୍ୟକ୍ଷଙ୍କ ସମ୍ବଲପୁର ଗସ୍ତ ଆଜି

**ସଭାସ୍ଥଳ ପରିଦର୍ଶନ କଲେ ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜ**



**ସମ୍ବଲପୁର, ୧୧।୧(ସମିସ):** '୫-ଟି' 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଆସନ୍ତାକାଲି ଅଧ୍ୟକ୍ଷ ପହଞ୍ଚିବାକୁ ଥିବାବେଳେ ଏହାକୁ ନେଇ ଆଜି ସମ୍ବଲପୁର ଲୋକସଭା କ୍ଷେତ୍ର ବିଜେଡି ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ସଭାସ୍ଥଳ ପରିଦର୍ଶନ କରିଛନ୍ତି। ରେଙ୍ଗାଲି ନିର୍ବାଚନମଣ୍ଡଳୀ କିଲାସମା ଓ ସମ୍ବଲପୁର ବିଧାନସଭାର ବରେଇପାଲିସ୍ଥିତ ସଭାସ୍ଥଳ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଶୁକ୍ରବାର ଓ ଶନିବାର ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସି ଶ୍ରୀ ପାଣ୍ଡିଆନ ଲୋକଙ୍କ ଅଭିଯୋଗ ଶୁଣିବେ ଓ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି। ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଝାରୀ ତଥା ଅନ୍ୟ ବିଜେଡି ନେତୃବୃନ୍ଦ ମଧ୍ୟ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ କିଭଳି ସମସ୍ୟା ନ ହେବ। ପ୍ରବେଶ ପଥ, ପାର୍କିଂ ସହି ଶୃଙ୍ଖଳିତ ସଭା କାର୍ଯ୍ୟ ହେବ ସେ ନେଇ ବିସ୍ତାର ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ସୌଭାଗ୍ୟ କୁମାର ନାୟକ, ଏମବି ସତ୍ୟମ୍ (ଜଟିଆ), ପୂର୍ବତନ ବିଧାୟକ ରମେଶ ପଟୁଆ, ଜିଲ୍ଲା ସମ୍ପାଦକ ଜଗନ୍ନାଥ ତ୍ରିପାଠୀ, ମାନେଶ୍ୱର ଜୋନ ସଂଯୋଜକ ଆର୍ତ୍ତତ୍ରାଣ ବାଗ ପ୍ରମୁଖ ଉପସ୍ଥିତ ଥିଲେ।





**ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩**

# ରାଜ୍ୟର ସବୁଠାରୁ ସ୍ୱଚ୍ଛ ସହର ଭୁବନେଶ୍ୱର

**ଭୁବନେଶ୍ୱର, ୧୧।୧(ସମିସ):**

ଭୁବନେଶ୍ୱର ରାଜ୍ୟର ସବୁଠାରୁ ସ୍ୱଚ୍ଛ ସହରର ମାନ୍ୟତା ଅର୍ଜନ କରିଛି। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ ଅନୁଯାୟୀ ବଡ଼ ସହର ବିଭାଗ(୧ଲକ୍ଷ ଜନସଂଖ୍ୟାରୁ ଅଧିକ)ରେ ଭୁବନେଶ୍ୱର ଦେଶର ୩୪ତମ ସ୍ୱଚ୍ଛ ସହର ମାନ୍ୟତା ହାସଲ ହୋଇଛି। ଗତ ସର୍ଭେରେ ଭୁବନେଶ୍ୱର ୮୦ତମ ସ୍ଥାନରେ ରହିଥିଲା। ଚଳିତବର୍ଷ ୪୬ଟି ସ୍ଥାନ ଉପରକୁ ଚଢ଼ିଛି ରାଜ୍ୟ ରାଜଧାନୀ ଭୁବନେଶ୍ୱର। ସେହିପରି ସର୍ବେକ୍ଷଣ ହେଉଥିବା ସମସ୍ତ ସହର ବିଭାଗରେ ୪୪ତମ ସ୍ଥାନରେ ରହିଛି। ଅନେକ ସହରକୁ ପଛରେ ପକାଇ ଏଭଳି ସଫଳତା ହାସଲ କରିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରାଳୟର ସଚିବ ମନୋଜ ଯୋଶୀ ବିଏମ୍‌ସିକୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ମେୟର୍ ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଙ୍ଗ୍ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, କମିସନର୍ ବିଜୟ ଅମୃତା କୁଲାଙ୍ଗେ ଏହି ସମ୍ମାନ ଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ ସ୍ୱଚ୍ଛ ସର୍ବେକ୍ଷଣର ଏହା ଅଷ୍ଟମ ସର୍ଭେ। ଏଥିରେ ମୋଟ ୪୪୧୭ ସହର ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସର୍ଭେ ଫଳାଫଳ ଘୋଷଣା କରିଥିଲେ। ଚଳିତବର୍ଷର ସର୍ଭେର ମୂଲ୍ୟାଙ୍କନ ଲିଗାସି ଡମ୍ପିଂ ସାଇଟ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ୩(ଆର୍) ସିଦ୍ଧାନ୍ତ ରିୟୁଜ୍, ରିସାଇକଲ୍, ରିଡିୟୁସ୍‌କୁ ଏବଂ ଜନ ସହଭାଗିତାକୁ ସର୍ଭେରେ ବିଶେଷଭାବେ ଗୁରୁତ୍ୱ ଦିଆଯାଇଥିଲା।

ଭୁବନେଶ୍ୱରକୁ ରାଜ୍ୟର ପ୍ରଥମ ସହର ଭାବେ ୱାଟର ପ୍ଲସ୍ ସିଟି ରେଟିଂ ମାନ୍ୟତା ପ୍ରଦାନ କରାଯାଇଛି। ଗତବର୍ଷ ଭୁବନେଶ୍ୱର ଓଡିଏଫ୍ ++ ମାନ୍ୟତା ହାସଲ କରିଥିଲା। ପରିମଳ ବ୍ୟବସ୍ଥାରେ ଘରମାନଙ୍କରୁ ସ୍ୱରେଜ ଲାଇନ୍‌କୁ ପାଇପ୍ ସଂଯୋଗ କଲେ ଏହି ମାନ୍ୟତା ହାସଲ ହୋଇଥାଏ। ଚଳିତବର୍ଷ ଏନେଇ ବିଶେଷଦୃଷ୍ଟି ଦିଆଯାଇଥିଲା। ଯାହାର ଫଳସ୍ୱରୂପ ୱାଟର୍ ପ୍ଲସ୍ ସହର ମାନ୍ୟତା ପାଇଛି ଭୁବନେଶ୍ୱର। ରାଜଧାନୀରେ ଅଧିକାଂଶ ଅଞ୍ଚଳରେ ସ୍ୱରେଜ ଲାଇନ୍ କାମ ଶେଷ ହୋଇଛି।

ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ ଗାର୍ବେଜ ଫ୍ରି ୩ ଷ୍ଟାର ରେଟିଂ ମାନ୍ୟତା ହାସଲ ହୋଇଛି। ବର୍ଜ୍ୟ ପ୍ରକ୍ରିୟାକରଣ, ବାଣିଜ୍ୟ ଓ ଘରୋଇ ଅଞ୍ଚଳରେ ସଫେଇ, ଲୋକଙ୍କ ମତାମତକୁ ଏଥିରେ ଆଧାର କରାଯାଏ। ଲୋକଙ୍କ ଫିଡ୍‌ବ୍ୟାକ୍ ଉତ୍ତମ ରହିଥିବାରୁ ଏଭଳି ମାନ୍ୟତା ପ୍ରଦାନ କରାଯାଇଛି।

ବର୍ଷ ୨୦୨୩ ସ୍ୱଚ୍ଛ ସର୍ବେକ୍ଷଣରେ ମୋଟ ୯୫୦୦ ଅଙ୍କରୁ ଭୁବନେଶ୍ୱରକୁ ୭୩୧୪ ମିଳିଛି। ଡୋର୍ ଟୁ ଡୋର୍ କଲେକସନ୍, ସୋର୍ସ ସେଗ୍ରି ଗେସନ୍, କ୍ଲିନ୍‌ଲିନେସ୍ ଅଫ୍ ମାର୍କେଟ୍ ଏରିଆ, ରେସିଡେନ୍ସିଆଲ୍ ଏରିଆ, ବର୍ଜ୍ୟ ପୃଥକୀକରଣ, ଜଳାଶୟର ପରିଚ୍ଛନ୍ନତା, ଶୌଚାଳୟର ପରିଚ୍ଛନ୍ନତା ଇତ୍ୟାଦିକୁ ବିଚାର କରି ଏବଂ ମତାମତ ଓ ନଥି ଯାଞ୍ଚକୁ ନେଇ ସମୀକ୍ଷା କରାଯାଇଥାଏ। ଏ ସମସ୍ତ କ୍ଷେତ୍ରରେ ବିଏମ୍‌ସି ଉତ୍ତମ ସ୍ଥିତି ବଜାୟ ରଖିଛି। ପୂର୍ବରୁ ଭୁବନେଶ୍ୱର ରାଜ୍ୟର ଶ୍ରେଷ୍ଠ ସହର ଭାବେ ପ୍ରତିଷ୍ଠା ଲାଭ କରିଥିଲା। ହେଲେ ୩ ବର୍ଷ ବ୍ୟବଧାନରେ ଭୁବନେଶ୍ୱର ପୁଣିଥରେ ଏହି ରାଙ୍କ୍ ଫେରି ପାଇଥିବାରୁ ଅର୍ବାନ୍ ପ୍ଲାନର ଡଃ ପୀୟୂଷ୍ କୁମାର ରାଉତ ଏହାକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏଭଳି ରାଙ୍କିଙ୍ଗ୍ ଆଗକୁ ବିଭିନ୍ନ କ୍ଷେତ୍ରରେ କାମ କରିବାକୁ ପ୍ରେରଣା ଯୋଗାଇବ। ସେହିଭଳି ଟିମ୍ ବିଏମ୍‌ସିର ମିଳିତ ଉଦ୍ୟମ ଏବଂ ରାଜଧାନୀବାସୀଙ୍କ ସହଯୋଗକୁ ଶ୍ରେୟ ଦେଲେ କମିସନର୍ ବିଜୟ ଅମୃତା କୁଲାଙ୍ଗେ। ତେବେ ଡୋର୍ ଟୁ ଡୋର ବର୍ଜ୍ୟ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ସଚେତନତା ପାଇଁ ଏହି ସଫଳତା ମିଳିଥିବା କମିସନର କହିଛନ୍ତି।



- ଦେଶର ୩୪ତମ ସ୍ୱଚ୍ଛ ସହର ଭାବେ ପୁରସ୍କୃତ
- ପୁରୁଣା ରାଙ୍କ୍ ଫେରିଲା, ଟିମ୍ ବିଏମ୍‌ସିକୁ ଶ୍ରେୟ
- ୯୫୦୦ରୁ ମିଳିଲା ୭୩୧୪, ଗାର୍ବେଜ ଫ୍ରି'ରେ ୩ ଷ୍ଟାର୍
- ରାଜ୍ୟର ପ୍ରଥମ ୱାଟର୍ ପ୍ଲସ୍ ସହର ରାଜଧାନୀ

# 'ସିନେମା ପାଇଁ ସମ୍ପତ୍ତି ବିକି ଦେଇଥିଲେ ମୋହନ ସୁନ୍ଦର'



**ଭୁବନେଶ୍ୱର, ୧୧।୧(ସମିସ):** ମଞ୍ଚ ନିର୍ଦ୍ଦେଶକ, କଳାକାର ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ୭୫ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋହନ ସୁନ୍ଦର ଓଡ଼ିଆ ଚଳଚ୍ଚିତ୍ରର ଜନକ ବୋଲି ଅତିଥିମାନେ କହିଥିଲେ। ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ଗିରିଜା ଶଙ୍କର ମହାପାତ୍ର, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ହାଡ଼ିବନ୍ଧୁ ବେହୁରିଆ, ମାନବେନ୍ଦ୍ର ମିଶ୍ର, ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ପ୍ରଯୋଜନା କରି ଏଥିରେ ସେ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ର ନିର୍ମାଣ ପାଇଁ ସେ ତାଙ୍କ ପରିବାରର ସମ୍ପତ୍ତି ବିକ୍ରି କରିବା ସହିତ ଋଣ ଭାରରେ ତଳିତଳାନ୍ତ ହୋଇ ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣର ଯୁଗ ଆରମ୍ଭ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ରଙ୍କୁ 'ମୋହନସୁନ୍ଦର ଦେବଗୋସ୍ୱାମୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ନିମାକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେଶନ୍‌ରେ ଏସ୍‌ଏଚ୍‌ଜିଙ୍କ ହସ୍ତତନ୍ତ କାରିଗରୀ

## ସମ୍ବଲପୁରୀ ଓ ଇକତ୍ କପଡ଼ାରେ ତିଆରି ବ୍ୟାଗର ବଢ଼ୁଛି ଚାହିଦା

**ଭୁବନେଶ୍ୱର, ୧୧।୧(ସମିସ):** ଦିନକୁ ଦିନ ବଦଳୁଛି ଫେଶନ୍। ଫେଶନ୍ ଜଗତରେ ଏବେ ଦେଖିବାକୁ ମିଳୁଛି କଳା, ସଂସ୍କୃତି ଓ ପରମ୍ପରାର ଛାପ। ବିଶେଷ କରି ହସ୍ତତନ୍ତକୁ ନେଇ ଏବେ ବିଭିନ୍ନ ଫେଶନ୍‌ର କ୍ରେଜ୍ ବଢ଼ୁଛି। ଯାହାକୁ ଦୃଷ୍ଟିରେ ରଖି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ପ୍ରସ୍ତୁତ କରୁଛନ୍ତି ବିଭିନ୍ନ ହସ୍ତତନ୍ତ ସାମଗ୍ରୀ। ପୂର୍ବରୁ ସମ୍ବଲପୁରୀ, ପଶାପାଳି, ଇକତ୍ ଆଦିର ଶାଢ଼ି, ଡ୍ରେସ୍ ପରିଧାନ କରୁଥିବାବେଳେ ଏଣିକି ଏଥିରୁ ପ୍ରସ୍ତୁତ ବ୍ୟାଗ୍ ମହିଳାଙ୍କୁ ବେଶ୍ ଆକୃଷ୍ଟ କରୁଛି। ମିଶନ୍ ଶକ୍ତି ଓ ଜୀବିକା ମିଶନ୍ ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ରୋଜଗାରର ବାଟ ପାଇପାରିଛନ୍ତି। ଫେଶନ୍ ଡିଜାଇନରମାନେ ବିଭିନ୍ନ ଫ୍ୟୁଜନ୍ କରୁଥିବାବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ହସ୍ତତନ୍ତ କପଡ଼ାକୁ ବ୍ୟବହାର କରି ତିଆରି କରୁଛନ୍ତି ଭ୍ୟାନିଟି ବ୍ୟାଗ୍, ସ୍ଲିଙ୍ଗ ବ୍ୟାଗ୍, ପର୍ସ ଇତ୍ୟାଦି।

ବରମୁଣ୍ଡା ପଡ଼ିଆରେ ଅନୁଷ୍ଠିତ 'ଶିଶିର ସରସ ମେଳା-୨୦୨୪'ରେ ପୁରୀ ଜିଲ୍ଲା ଗୋପ ବ୍ଲକର ଗଣେଶ୍ୱରପୁର ଗ୍ରାମର ଓମ୍ ଗାୟତ୍ରୀ ଜୁଟ୍ କ୍ଲଷ୍ଟର ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଏକ ଷ୍ଟଲରେ ଏହି ସମାଗ୍ରୀ ବିକ୍ରି ହେଉଛି। ୨୦୧୩ ମସିହାରୁ ଆରମ୍ଭ ହୋଇଥିବା ଏହି ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଝୋଟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏହି ଉତ୍ପାଦକ ଗୋଷ୍ଠୀ ଅଧୀନରେ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ୩୫ଜଣ ରହିଛନ୍ତି। ମହିଳାମାନେ ଝୋଟରୁ ବ୍ୟାଗ୍, ଫୋଲ୍ଡର, ଲାପଟପ୍ ବ୍ୟାଗ୍ ଆଦି ପ୍ରସ୍ତୁତ କରୁଛନ୍ତି। ଏହା ବ୍ୟତୀତ ମହିଳାମାନେ ବର୍ତ୍ତମାନର ଫେଶନ୍‌କୁ ଦୃଷ୍ଟିରେ ରଖି ଝୋଟ ଉପରେ ହସ୍ତତନ୍ତ କପଡ଼ାର ବ୍ୟବହାର କରୁଛନ୍ତି। ସମ୍ବଲପୁରୀ, କାନ୍‌ଭାସ୍ କପଡ଼ାକୁ ଲଗାଇ ଏହି ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ପ୍ରାୟ ୧ବର୍ଷ ହେବ ଆରମ୍ଭ କରିଥିବା ଏହି ସାମଗ୍ରୀର ଧୀରେ ଧୀରେ ଚାହିଦା ବଢ଼ୁଥିବାରୁ ଆଗକୁ ଅନଲାଇନ୍‌ରେ ମଧ୍ୟ ବିକ୍ରି କରାଯିବାର ଯୋଜନା ରହିଥିବା ମହିଳାମାନେ କହିଛନ୍ତି। ତେବେ ଏହି ବ୍ୟାଗ୍‌ଗୁଡ଼ିକର ଦାମ୍ ୬୦୦ଟଙ୍କାରୁ ଆରମ୍ଭ ହୋଇ ୧୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଓଡ଼ିଶା ଜୀବିକା ମିଶନ୍‌ରୁ ସେମାନଙ୍କୁ ଆର୍ଥିକ ସହାୟତା ବା ଋଣ ପ୍ରଦାନ କରାଯାଉଥିବା ସେମାନେ କହିଛନ୍ତି।



# ଗାର୍ଗୀଙ୍କ 'ଦ୍ୱିତୀୟ ଶ୍ରେଣୀର ନାଗରିକ' ଲୋକାର୍ପିତ

**ଭୁବନେଶ୍ୱର, ୧୧।୧(ସମିସ):** ମହିଳା ସାମ୍ବାଦିକ ତଥା ଜନବାଦୀ ଲେଖିକା ଗାର୍ଗୀ ଶତପଥୀଙ୍କ ପ୍ରବନ୍ଧ ସଂକଳନ 'ଦ୍ୱିତୀୟ ଶ୍ରେଣୀ ନାଗରିକ' ପୁସ୍ତକ ଲୋହିଆ ଏକାଡେମୀଠାରେ ଲୋକାର୍ପିତ ହୋଇଯାଇଛି। ସମଦୃଷ୍ଟି ପ୍ରକାଶନ ତରଫରୁ ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ସମଦୃଷ୍ଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁ, ଶିକ୍ଷାବିତ ଡ. ସୁମିତ୍ରା ପଟେଲ, ସମଦୃଷ୍ଟି ସମ୍ପାଦକ ସୁଧୀର ପଟ୍ଟନାୟକ, ତୀରତରଙ୍ଗ ସମ୍ପାଦିକା ବନ୍ଦନା ମିଶ୍ର, କବି ଶର୍ମିଷ୍ଠା ନାଥ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ.ଚିତ୍ରା ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଲେଖିକାଙ୍କ ସହ ପୁସ୍ତକ ସମ୍ପର୍କରେ ସୁଧୀର ପଟ୍ଟନାୟକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହକାରେ ଲେଖକୀୟ ଉତ୍ତରଣ ସମ୍ପର୍କରେ ବ୍ୟାଖ୍ୟାନ କରିଥିଲେ। ବିଘ୍ନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଭିଡିଓ କଲ୍ କରି ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୧୧।୧ (ସମିସ):** ଗୁରୁବାର ରାତିରେ ପାତ୍ରପଡ଼ା ଅଞ୍ଚଳରେ ଥିବା ଏକ ଘରୁ ଏଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରିଛି ଖଣ୍ଡଗିରି ଥାନା ପୁଲିସ। ମୃତକ ହେଉଛନ୍ତି ଭଦ୍ରକର ବାଂଶଡ଼ା ଅଞ୍ଚଳର ସନ୍ଦୀପ ବାରିକ। ସେ ପାତ୍ରପଡ଼ା ଅଞ୍ଚଳରେ ରହୁଥିଲେ। ସୂଚନା ଅନୁସାରେ, ସନ୍ଦୀପଙ୍କର ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା ଓ ପ୍ରାୟ ସମୟ ଉଭୟ ଏକାଠି ରହୁଥିଲେ। କିଛି ଦିନ ହେବ କଳହକୁ ନେଇ ସନ୍ଦୀପ ମାନସିକ ଅବସାଦରେ ଥିଲେ। ଗୁରୁବାର ରାତିରେ ସନ୍ଦୀପ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ସେ ଭିଡିଓ କଲ୍‌ରେ କଥା ହୋଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଦୀପଙ୍କ ପରିବାର ଲୋକଙ୍କୁ ଖବର ଦେଇଛି । ତାଙ୍କ ପରିବାର ଲୋକେ ଆସିବା ପରେ ମୃତଦେହକୁ ଉଦ୍ଧାର କରାଯିବ ବୋଲି ପୁଲିସ କହିଛି ।

# ସଂସ୍କୃତି ବିଭାଗ ପକ୍ଷରୁ ଶାସ୍ତ୍ରିଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୧।୧(ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୫୬ତମ ଶ୍ରାଦ୍ଧଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶାସ୍ତ୍ରୀନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପ୍ରଫେସର ଡ. ରଙ୍ଗାଧର ସାହୁ, ଗିରିଜା ଶଙ୍କର ମହାପାତ୍ର, 'ଜୟ ଓଡ଼ିଶା' ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଶାସ୍ତ୍ରୀନଗର ଉନ୍ନୟନ ପରିଷଦର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୨୭ ବର୍ଷ ପରେ ଏକାଠି ହେଲେ ବନ୍ଧୁ

**ଭୁବନେଶ୍ୱର, ୧୧।୧(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟର ୧୯୯୫-୯୭ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାଣୀବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୭ ବର୍ଷର ୧୦୦ରୁ ଉର୍ଦ୍ଧ୍ୱ ବନ୍ଧୁ ଏକାଠି ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ପରିସରସ୍ଥ ଇତିହାସ ବିଭାଗ ସମ୍ମୁଖରେ ଥିବା ଖାଲି ଜାଗାର ସୌନ୍ଦର୍ଯ୍ୟକରଣ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁମତି ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟର ୫ଜଣ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚତର ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଡ. ପ୍ରକାଶ ତ୍ରିପାଠୀ ଜଣାଇଥିଲେ।

# ଆଇଜି ଡ୍ରୋନ୍-ଏନ୍‌ଏମ୍‌ଆଇଏମ୍‌ଏସ୍ ବୁଝାମଣା

**ଭୁବନେଶ୍ୱର, ୧୧।୧(ସମିସ):** ଶ୍ରୀଭିଲେ ପାର୍ଲେ କେଲାବାଣୀ ମଣ୍ଡଳ ଟ୍ରଷ୍ଟ ଦ୍ୱାରା ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ନିର୍ମାଣ କରାଯାଉଛି। ଏଥିପାଇଁ ସରକାର ଗୌଡ଼କାଶୀପୁରଠାରେ ଜମି ଯୋଗାଇଦେଇଛନ୍ତି। ୩୦୦ କୋଟି ବ୍ୟୟରେ ନିର୍ମିତ ହେଉଥିବା ଏହି ବିଶ୍ୱବିଦ୍ୟାଳୟ ନିର୍ମାଣ କ୍ଷେତ୍ରରେ ଡ୍ରୋନ୍ ସର୍ଭେ, ମ୍ୟାପିଂ ଏବଂ ନିରୀକ୍ଷଣ ସହାୟତା ଯୋଗାଇବା ପାଇଁ ବୁଧବାର ଆଇଜି ଡ୍ରୋନ୍ କମ୍ପାନୀ ସହ ନରସି ମୋଞ୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ଏନ୍‌ଏମ୍‌ଆଇଏମ୍‌ଏସ୍) ଚୁକ୍ତି ସ୍ୱାକ୍ଷରିତ କରିଛି। ଆଇଜି ଡ୍ରୋନ୍ କମ୍ପାନୀ ଆକାଶମାର୍ଗରୁ ମ୍ୟାପିଂ ଏବଂ ଫୋଟୋଗ୍ରାଫିକ ଡାଟା ସଂଗ୍ରହ କରିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ୍‌ଗୁଡ଼ିକ ସଠିକ ଭୌଗୋଳିକ ତଥ୍ୟ ସଂଗ୍ରହ କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଆଇଜି ଡ୍ରୋନ୍ କମ୍ପାନୀ ସିଇଓ ବୋଧିସତ୍ତ୍ୱ ସଂଘପ୍ରିୟ ପ୍ରକାଶ କରିଛନ୍ତି।

**ଜାତୀୟ ଜନଜାତି ମେଳାରେ ନିଆରା କଳାକୃତି**

# ଆକର୍ଷଣରେ ଧାନର ଗହଣା, ଦେବଦେବୀ



**ଭୁବନେଶ୍ୱର, ୧୧।୧ (ସମିସ):** ରାଜଧାନୀର ପ୍ରଦର୍ଶନୀ ପଡ଼ିଆରେ ଜାତୀୟ ଜନଜାତି ମେଳାରେ ବିଭିନ୍ନ ସ୍ଥାନରୁ ଆସି କାରିଗର ଓ ଶିଳ୍ପୀ ନିଜ ନିଜ କାରିଗରୀ ପ୍ରଦର୍ଶିତ କରୁଛନ୍ତି। ଏଠାରେ ଦେଖିବାକୁ ମିଳିଛି ଜଣେ କାରିଗରଙ୍କ ଦ୍ୱାରା ଧାନରେ ତିଆରି ବିଭିନ୍ନ ଡିଜାଇନ୍‌ର ଗହଣା ସାଙ୍ଗକୁ ଦେବଦେବୀଙ୍କ ପ୍ରତିକୃତୀ। ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ହେବା ସହ ଲୋକଙ୍କ ମନକୁ ବି ଛୁଇଁ ଯାଉଛି। ସେ ବାଟ ଦେଇ ଯିବା ଆସିବା କରୁଥିବା ପ୍ରତ୍ୟେକ ଲୋକଙ୍କୁ ଘଡ଼ିଏ ଅଟକାଇ ଯାଉଛି। ବିଶେଷକରି ଧାନରେ ରଙ୍ଗବେରଙ୍ଗର କାନଫୁଲ, ହାର ଓ ଦେବଦେବୀଙ୍କ ମୂର୍ତ୍ତିରେ ଗଣେଶ ଓ ଜଗନ୍ନାଥଙ୍କ ପ୍ରତିକୃତୀ ବେଶୀ ବିକ୍ରି ହେଉଥିବା ପରିଲକ୍ଷିତ ହେଉଛି। ଧାନରେ ତିଆରି ସାମଗ୍ରୀଗୁଡ଼ିକର ଦାମ୍ ୫୦ ଟଙ୍କାରୁ ଆରମ୍ଭ ହୋଇ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏ ନେଇ ନବରଙ୍ଗପୁରର ଲିମ୍ବଟା ଗ୍ରାମରୁ ଆସିଥିବା ଖଗପତି ମୁଣ୍ଡା ଯିଏକି ୩୦ ବର୍ଷ ହେବ ଏହି କାରିଗରୀ କରୁଛନ୍ତି ସେ କୁହନ୍ତି ଗୋଟିଏ ଗୋଟିଏ ପ୍ରତିକୃତୀ ତିଆରି କରିବାକୁ ଦୁଇରୁ ତିନି ଦିନ ସମୟ ଲାଗୁଛି। ଗୋଟି ଗୋଟି ଧାନକୁ ସୂତାରେ ବାନ୍ଧିବାକୁ ସମୟ ଲାଗେ। ଏହିପରି ମେଳା ମହୋତ୍ସବରେ ତାଙ୍କ ଷ୍ଟଲ୍ ପଡ଼ିଥାଏ। ଯେଉଁଥିରୁ ମାସକୁ ଏହି ଧାନର ତିଆରି ଜିନିଷ ବିକି ୩୦ ହଜାର ଟଙ୍କା ଲାଭ କରୁଛନ୍ତି। ସରକାରଙ୍କ ସୁବିଧାରୁ ସେ ଏହିପରି ବିଭିନ୍ନ ସ୍ଥାନରେ ମେଳା ହେଲେ ନିଜ ଷ୍ଟଲ ପକାଇ ବିକ୍ରି କରିପାରୁଛନ୍ତି। ମେଳାରେ ତାଙ୍କର ସବୁଠୁ ଅଧିକ ଚାହିଦାରେ ଧାନର କାନ ଫୁଲ, ଗଣେଶ ଏବଂ ଜଗନ୍ନାଥଙ୍କ ମୂର୍ତ୍ତି ବିକ୍ରି ହେଉଥିବା ସେ କହିଛନ୍ତି।

# ରାସ୍ତାକଡ଼ରେ 'କାର୍ ଖାନା'ର ମହକ

**ଭୁବନେଶ୍ୱର, ୧୧।୧(ସମିସ):**

ଛୋଟ ହେଉ ବା ବଡ଼ ସହର, ରାସ୍ତାକଡ଼, ପର୍ଯ୍ୟଟନସ୍ଥଳ ସବୁଠି ମାଳମାଳ ହୋଟେଲ୍, ରେସ୍ତୋରାଁ। ଯେଉଁଠି ଅର୍ଥ ବଦଳରେ ସହଜରେ ଖାଇବାକୁ ମିଳିଯାଏ। ହେଲେ ଏବେ ରାଜଧାନୀରେ ହୋଟେଲ୍ କିମ୍ବା ରେଷ୍ଟୁରାଣ୍ଟର ବିକଳ୍ପ ଦେଖିବାକୁ ମିଳିଲାଣି। ଯାହାକି ହୋଟେଲ୍ କିମ୍ବା ରେସ୍ତୋରାଁ ଆଦି ନ ଥିବା ସ୍ଥାନରେ ଉପଲବ୍ଧ ହୋଇପାରୁଛି। ଲୋକେ ଦିନରେ କ୍ଲାଉଡ୍ କିଚେନ ସହ ବେଶ୍ ଭଲ ଭାବରେ ପରିଚିତ ହେଲେଣି। କ୍ଲାଉଡ୍ କିଚେନ ଅର୍ଥାତ୍ ଘର ରନ୍ଧା ଖାଦ୍ୟକୁ ଅର୍ଡର ଅନୁଯାୟୀ ସ୍ଥାନରେ ପହଞ୍ଚାଇ ଲୋକଙ୍କ ଆବଶ୍ୟକତା ପୂରଣ କରିବା। କୌଣସି ଟେଲିଫୋନ୍ ନମ୍ବରରୁ ବା ୱେବସାଇଟ୍‌ରୁ ଅର୍ଡର ଆସିଲେ ଖାଇବା ଘରେ ପହଞ୍ଚିଯାଏ। ଜୋମାଟୋ ଏବଂ ସ୍ୱିଗି ପରି ଅନେକ ସଂସ୍ଥା ଏଭଳି ବ୍ୟବସାୟ କରିଥାନ୍ତି। ତେବେ କାର୍ ଖାନା ଏହାଠାରୁ ଟିକେ ଭିନ୍ନ। ରାଜଧାନୀରେ ଏହାର ଚାହିଦା ବି ବଢ଼ିବାରେ ଲାଗିଛି। ଲୋକଙ୍କ ଖାଇବା ଆବଶ୍ୟକତା ପୂରଣ କରିବାର ବିକଳ୍ପ 'କାର୍ ଖାନା'। ରାସ୍ତାକଡ଼ରେ କାର୍‌ରେ ଖାଇବା ବିକ୍ରି କରୁଥିବା କେତେକ ସ୍ଥାନରେ ଦେଖିବାକୁ ମିଳୁଛି। ରାଜଧାନୀର ଆଇ.ଜି ପାର୍କ ନିକଟରେ ଏଭଳି କାର୍ ଖାନା ଦେଖିବାକୁ ମିଳିଛି। ଦୁଇଜଣ ମହିଳା ନିଜ କାର୍‌ରେ ଘରର ରନ୍ଧା ଖାଇବା ଆଣି ବିକ୍ରି କରୁଛନ୍ତି। ଏହା ଲୋକଙ୍କ ମଧ୍ୟରେ ଆଦୃତ ହେବା ଲକ୍ଷ୍ୟ କରାଯାଉଛି। ଲୋକଙ୍କ କହିବା ଅନୁଯାୟୀ ଏଠାରେ ଘରର ଖାଇବା ଖୁବ୍ କମ୍ ମୂଲ୍ୟରେ ମିଳୁଛି। ତା' ପୁଣି କମ୍ ତେଲ ଓ ମସଲା ଯୁକ୍ତ। ଫଳରେ ଆଖ ପାଖ ଅନେକ ଅଫିସ୍‌ର କର୍ମଚାରୀ ଏଠାରେ ଖାଇବା ପାଇଁ ଭିଡ଼ ଜମାଉଛନ୍ତି। 'କାର ଖାନା' କରିଥିବା ମହିଳା ନେହା ପାଣିଗ୍ରାହୀ କୁହନ୍ତି ସେ ଯେତେବେଳ ବି ସେପଟ ଅଞ୍ଚଳକୁ ଆସିଥାନ୍ତି ତାଙ୍କୁ ଏଠାକାର ଖାଇବା ପସନ୍ଦ ଆସି ନ ଥାଏ। ତାହା ସେତେଟା ହାଇଜିନ୍ ପରିଲକ୍ଷିତ ହୋଇନଥାଏ। ସାଧାରଣତ ଏଠାରେ ଯେଉଁ ହୋଟେଲ ରହିଛି ସେଗୁଡ଼ିକରେ ମୂଲ୍ୟ ବଦଳରେ ଖାଦ୍ୟର ମାନ ସେତେଟା ଆକୃଷ୍ଟ କଲାଭଳି ନୁହେଁ, ତେଣୁ ଘରେ ତାଙ୍କର ଦୁଇ ବର୍ଷହେବ କ୍ଲାଉଡ୍ କିଚେନ୍ 'ଆମନ୍ତ୍ରଣ' ଥିବାରୁ ତାଙ୍କୁ ଏହି 'କାର୍ ଖାନା' ବିଷୟରେ ବେଶୀ ଭାବିବାକୁ ପଡ଼ିନଥିଲା। ନିଜ ଘରେ ରୋଷେଇ କରି ସେ କାର୍‌ରେ ସେସବୁ ଆଣି ଏଠାରେ ବିକ୍ରି କରୁଛନ୍ତି। ସେଥିପାଇଁ ସେ ବ୍ୟବସାୟର ନା 'କାର୍ ଖାନା' ରଖିଛନ୍ତି। ଲୋକଙ୍କୁ ସୁହାଉଥିବା ଭଳି ଏଠାରେ ମିଲ୍‌ର ମୂଲ୍ୟ ରଖିଛନ୍ତି। ଯେଉଁଥିରେ ଭେଜ୍ ଓ ନନ୍‌ଭେଜ୍ ଉଭୟ ଥାଳି ଦେଉଛନ୍ତି। ଏଥିରେ ସେ ତାଙ୍କ ସହଯୋଗୀ ଭାବେ ନିଜ ଯାଆ ଅର୍ଥାତ୍ ରଶ୍ମିତା ଦାଶଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି। ଏହି କିଛିଦିନ ଭିତରେ ତାଙ୍କୁ ଭଲ ଲାଭ ମଧ୍ୟ ମିଳୁଥିବା ସେ କହିଛନ୍ତି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ • ପାଉଣ୍ଡ ୧୦୬.୪୧
- ୟୁରୋ ୯୧.୮୪ • ୟେନ୍ ୦.୫୭

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୭୫୦ (ନୂଆଦିଲ୍ଲୀ)
- ରୁପା : ୭୬,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୭୨୧.୦୦
- ନିଫ୍ଟି ୨୧,୬୪୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ବଢ଼ିଲା ପ୍ରତ୍ୟକ୍ଷ ଟିକସ ସଂଗ୍ରହ

# ମିଳିଲା ୧୪.୭୦ ଲକ୍ଷ କୋଟିର ଟିକସ

ନୂଆଦିଲ୍ଲୀ,୧୧।୧(ଏଜେନ୍ସି)




ଦେଶରେ ବଢ଼ିବାରେ ଲାଗିଛି ଟିକସ ସଂଗ୍ରହ। ଟିକସ ସଂଗ୍ରହ କ୍ଷେତ୍ରରେ ସରକାରଙ୍କୁ ପୁଣି ଥରେ ମିଳିଛି ସଫଳତା। ଚଳିତ ଆର୍ଥିକବର୍ଷରେ ଦେଶରେ ପ୍ରତ୍ୟକ୍ଷ ଟିକସ ଟିକସ ସଂଗ୍ରହରେ ୧୯.୪୧ ପ୍ରତିଶତ ବୃଦ୍ଧି ଘଟି ତାହା ୧୪.୭୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସମଗ୍ର ଆର୍ଥିକବର୍ଷ ପାଇଁ ରଖାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟର ଏହା ୮୧ ପ୍ରତିଶତ। ଆୟକର ବିଭାଗ ଗୁରୁବାର ଏହି ସୂଚନା ଦେଇଛି। ଚଳିତ ଆର୍ଥିକବର୍ଷ ୨୦୨୩-୨୪ରେ ପ୍ରତ୍ୟକ୍ଷ ଟିକସରୁ ୧୮.୨୩ ଲକ୍ଷ କୋଟି ଟଙ୍କା ପାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପୂର୍ବ ଆର୍ଥିକବର୍ଷ ଅର୍ଥାତ୍ ୨୦୨୨-୨୩ରେ ହାସଲ ହୋଇଥିବା ୧୬.୬୧ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ ତୁଳାନାରେ ଏହା ୯.୭୫ ପ୍ରତିଶତ ଅଧିକ। ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତ୍ୟକ୍ଷ ଟିକସରେ ବ୍ୟକ୍ତିଗତ ଆୟକର ଏବଂ କମ୍ପାନୀ ଟିକସ ଅନ୍ତର୍ଭୁକ୍ତ।

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି ଯେ, ରିଫଣ୍ଡ ପରେ ନେଟ୍ ପ୍ରତ୍ୟକ୍ଷ ଟିକସ ଟିକସ ସଂଗ୍ରହ ୧୪.୭୦ ଲକ୍ଷ କୋଟି ଟଙ୍କା ହୋଇଛି। ଗତ ଆର୍ଥିକବର୍ଷରେ ସମାନ ଅବଧିରେ ସଂଗୃହିତ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ତୁଳନାରେ ଏହା ୧୯.୪୧ ପ୍ରତିଶତ ଅଧିକ। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ବଜେଟରେ ଧାର୍ଯ୍ୟ ହୋଇଥିବା ପ୍ରତ୍ୟକ୍ଷ ଟିକସ ଆକଳନର ଏହା ହେଉଛି ୮୦.୬୧ ପ୍ରତିଶତ। ଆୟକର ବିଭାଗ ଅନୁଯାୟୀ, ୨୦୨୩ ଏପ୍ରିଲ ପହିଲାରୁ ୨୦୨୪ ଜାନୁୟାରୀ ୧୦ ପର୍ଯ୍ୟନ୍ତ ୨.୪୮ ଲକ୍ଷ କୋଟି ଟଙ୍କା ଟିକସଦାତାଙ୍କୁ ଫେରସ୍ତ କରିଛି। ଚଳିତମାସ ୧୦ ପର୍ଯ୍ୟନ୍ତ ମୋଟ

### ହୋଇଛି ୨.୪୮ ଲକ୍ଷ କୋଟି ଫେରସ୍ତ

ଆଧାରରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ କ୍ରମାଗତ ବୃଦ୍ଧି ଘଟିଛି। ମୋଟ ଟିକସ ସଂଗ୍ରହ ୧୭.୧୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକବର୍ଷର ସମାନ ଅବଧି ତୁଳନାରେ ଏହା ୧୬.୭୭ ପ୍ରତିଶତ ଅଧିକ। ମୋଟ କମ୍ପାନୀ ଆୟକର (ସିଆଇଟି) ଏବଂ ବ୍ୟକ୍ତିଗତ ଆୟକର ଅଭିବୃଦ୍ଧି ଯଥାକ୍ରମେ ୮.୩୨ ପ୍ରତିଶତ ଏବଂ ୨୬.୧୧ ପ୍ରତିଶତ ହୋଇଛି। 'ଫେରସ୍ତ' ପରେ କମ୍ପାନୀ ଆୟକର (ସିଆଇଟି)ର ନିଟ୍ ଅଭିବୃଦ୍ଧି ୧୨.୩୭ ପ୍ରତିଶତ ଏବଂ ବ୍ୟକ୍ତିଗତ ଆୟକର ରହିଛି ୨୭.୨୬ ପ୍ରତିଶତ ବୃଦ୍ଧି ପାଇଛି।

## ୨୦୨୬ରେ ଗଡ଼ିବ ଦେଶର ପ୍ରଥମ ବୁଲେଟ ଟ୍ରେନ୍: ରେଳମନ୍ତ୍ରୀ



**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଦେଶବାସୀଙ୍କ ବୁଲେଟ୍ ଟ୍ରେନ୍ ସ୍ୱପ୍ନ ଖୁବ୍‌ଶୀଘ୍ର ପୂରା ହେବାକୁ ଯାଉଛି। ୨୦୨୬ରେ ଦେଶରେ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍। ଗୁରୁବାର ଗୁଜରାଟର ଗାନ୍ଧୀନଗରରେ ଆୟୋଜିତ ଭାଇବ୍ରେଣ୍ଟ ଗୁଜରାଟ ସମ୍ମିଟ୍‌ରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସୁରତରୁ ବିଲିମୋରା ପର୍ଯ୍ୟନ୍ତ ପ୍ରଥମେ ବୁଲେଟ୍ ଟ୍ରେନ୍‌ର ଗଡ଼ିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ୨୦୨୬ରେ ପ୍ରଥମ ବୁଲେଟ ଟ୍ରେନ୍ ସୁରତ ଓ ବିଲିମୋରା ମଧ୍ୟରେ ଚଳାଇବାକୁ ଯୋଜନା ରହିଛି। ବୁଲେଟ ଟ୍ରେନ୍ ସମ୍ପର୍କିତ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ରେଳମନ୍ତ୍ରୀ କହିଛନ୍ତି, ଏହି ଟ୍ରେନ୍ ଚଳାଚଳ ପାଇଁ ୨୭୦ କିମି ଗ୍ରାଉଣ୍ଡୱାର୍କ ସରିଛି। କେବୁଲ ବିଛା ସରିଛି। ନିର୍ଦ୍ଧାରିତ ସମୟ ଅନୁସାରେ କାର୍ଯ୍ୟ ଜାରି ରହିଛି। ସେହିପରି ସମୁଦ୍ର ଟନେଲ୍ ତଳେ ମୁମ୍ବାଇ- ଥାନ୍ ଟ୍ରାକ୍ ପାଇଁ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି ରେଳ ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଟ୍ରେନ୍ ଟ୍ରାକ୍ ଦେଇ ୮ ନଦୀ ପଡୁଥିବାରୁ ଏସବୁ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରହିଛି। ସେଥିମଧ୍ୟରୁ ଦୁଇଟି ପୋଲର ନିର୍ମାଣ କାର୍ଯ୍ୟ ସରିଛି। ସାବରମତୀ ଟର୍ମିନାଲ ଷ୍ଟେସନର ନିର୍ମାଣ କାର୍ଯ୍ୟ ପାଖାପାଖି ସରିବା ଉପରେ ବୋଲି ରେଳମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ସେହିପରି ମୁମ୍ବାଇ- ଅହମଦାବାଦ ରେଳ କରିଡର ପାଇଁ ୧୦୦ ପ୍ରତିଶତ ଭୂମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି ବୋଲି ରେଳ ମନ୍ତ୍ରଣାଳୟ ସୂଚନା ଦେଇଥିଲା। ଏହି ବୁଲେଟ ଟ୍ରେନ୍ ପ୍ରକଳ୍ପ ଗୁଜରାଟ, ମହାରାଷ୍ଟ୍ର ଓ ଦାଦ୍ରା ଓ ନଗର ହାବେଳି ପର୍ଯ୍ୟନ୍ତ ସଂପ୍ରସାରିତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପରେ ଆନୁମାନିକ ୧.୦୮ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ।

## କଳିଙ୍ଗ ମ୍ୟାରିଟାଇମ୍ ଏକ୍ସପୋ ଫେବୃଆରୀ ୯ ରୁ ୧୩

# ଏୟାର ସୋ' ସାଙ୍ଗକୁ ବୋଟିଂ ଓ ସ୍କାଏ ଡାଇଭିଂ ପ୍ରଦର୍ଶନୀ



**କଟକ,୧୧।୧(ସମିସ) :** ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ପାଦ ଥାପୁଥିବା ନବୀନ ଉଦ୍ୟୋଗୀଙ୍କୁ ସାହାସ ଯୋଗାଇ ଦେବା ପାଇଁ ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନ ସବୁବେଳେ ଉଦ୍ୟମ ଜାରି ରଖିଛି। ନୂଆ ଉଦ୍ୟୋଗପତିମାନେ କିଭଳି ନିଜ ନିଜ କ୍ଷେତ୍ରରେ ଉପସ୍ଥିତିକୁ ବଳବତ୍ତର ରଖିପାରିବେ, ସେଥିପ୍ରତି ୧୯୮୬ ମସିହାରୁ ଓଆଇଏ ସେମାନଙ୍କୁ ଉତ୍ସାହିତ କରିଆସୁଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ର ଉପରେ ପ୍ରଦର୍ଶନୀ ଓ କର୍ମଶାଳାମାନ ଆୟୋଜନ କରାଯାଉଛି। ୨୦୨୦ରେ କଟକର ବାଲିଯାତ୍ରା ପଡିଆରେ ପ୍ରତିରକ୍ଷା ଯନ୍ତ୍ରପାତି ନିର୍ମାତା ସଂକ୍ରାନ୍ତୀୟ କର୍ମଶାଳା ଆୟୋଜନ କରି ସଫଳତା ସାଉଁଟିଥିବା ବେଳେ ଚଳିତବର୍ଷ ନୌବାଣିଜ୍ୟ ଯନ୍ତ୍ରପାତି ନିର୍ମାଣ ଓ ଏହାର ବ୍ୟବହାର ସଂକ୍ରାନ୍ତରେ ଏକ ପ୍ରଦର୍ଶନୀ ଓ ପ୍ରଶିକ୍ଷଣ ଶିବିର ଆସନ୍ତା ଫେବୃଆରୀ ୯ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଆୟୋଜନ ହେବାକୁ ଯାଉଛି। ବିଶେଷକରି ନ୍ୟାଭି ଫାଉଣ୍ଡେସନ ପକ୍ଷରୁ ନ୍ୟାଭି ବ୍ୟାଣ୍ଡ ଓ ନ୍ୟାଭିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରର ପ୍ରଦର୍ଶନ କରାଯିବ। କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ଅନୁମତି କ୍ରମେ ଓଡିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନ ଓ ନ୍ୟାଭି ଫାଉଣ୍ଡେସନ ଓଡ଼ିଶା .ପଟର ମିଳିତ ସହଯୋଗରେ ଉପର ବାଲିଯାତ୍ରା ପଡିଆରେ କଳିଙ୍ଗ ମ୍ୟାରିଟାଇମ୍ ଏକ୍ସପୋ ହେବାକୁ ଯାଉଛି। ଏହି ଏକ୍ସପୋରେ ପ୍ରାୟ ୫୦୦ରୁ ଅଧିକ ଏମ୍‌ଏସ୍‌ଏମ୍‌ଇ ଔଦ୍ୟୋଗୀଙ୍କର ଷ୍ଟଲ୍ ପଡିବ। ଏତଦ୍‌ବ୍ୟତୀତ ଏକ୍ସପୋକୁ ବୁଲିବାକୁ ଆସୁଥିବା ଲୋକଙ୍କ ଅମୋଦପ୍ରମୋଦ ପାଇଁ ଫୁଡ୍ ଜୋନ, ଗେମ୍ ଜୋନ ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସେଲିବ୍ରିଟିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟମାନ ଆୟୋଜନ କରାଯିବ। ଏ ସଂକ୍ରାନ୍ତରେ ଆଲୋଚନାଚକ୍ର ଏନଏଫ୍‌ଓସି ଭାଇସ୍ ଆଡ୍‌ମିରାଲ୍ ଆର.କେ.ପଟ୍ଟନାୟକ, ଭାଇସ ପ୍ରେସିଡେଣ୍ଟ କମାଣ୍ଡର ଲଳିତ କୁମାର ଅଗ୍ରୱାଲଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ହୋଇଥିଲା। ବିଶେଷକରି ଅନୁଷ୍ଠିତ ହେବାକୁ ଥିବା ଏହି ୫ଦିନିଆ ଏକ୍ସପୋରେ ତଳବାଲିଯାତ୍ରା ପଡିଆର ନଦୀକୂଳରେ ନ୍ୟାଭି ଫାଉଣ୍ଡେସନ ପକ୍ଷରୁ ବୋଟିଂ, ରେସକ୍ୟୁ ମିଶନ, ସ୍କାଏ ଡାଇଭିଂ, ଏୟାର ସୋ ଇତ୍ୟାଦି ପ୍ରଦର୍ଶନ କରାଯିବ ବୋଲି ଉଭୟ ଅଫିସର ମତବ୍ୟକ୍ତ କରିଥିଲେ। ଏଥିନିମିତ୍ତ ପ୍ରଶାସନିକ ମଞ୍ଜୁରି ପାଇଁ ଓଆଇଏର ଅଧକ୍ଷ ଅବନୀ କାନୁନଗୋ ଏବଂ ସୁଶାନ୍ତ କୁମାର ପଣ୍ଡାଙ୍କୁ ନ୍ୟାଭି ଅଫିସର ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବରେ ପରିଚାଳିତ କରିବା ପାଇଁ ଓଆଇଏର ସମସ୍ତ ଅଧିକାରୀଙ୍କ ପରାମର୍ଶ ଲୋଡିଥିଲେ। ଓଆଇଏର ବରିଷ୍ଠ ସଭ୍ୟ ମାନସ ଦାସ, ଉପସଭାପତି ବିନୋଦ ଭୂତ, ସାଧାରଣ ସଂପାଦକ ଗୌରି ଗୋପାଳ ସେନ୍, ବିକାଶ ମହାପାତ୍ର, ଦେବେନ୍ଦ୍ର ଶର୍ମା ଏବଂ ଅନ୍ୟମାନେ ଉପସ୍ଥିତ ରହି କିଭଳି ଏକ୍ସପୋକୁ ଶୃଙ୍ଖଳିତ ଭାବେ କରିହେବ ତାହା ଉପରେ ଆଲୋକପାତ କରିଥିଲେ।

## ଅସୁସ୍ଥ ପତ୍ନୀଙ୍କୁ ଭେଟିପାରିବେ ନରେଶ ଗୋଏଲ

**ମୁମ୍ବାଇ୧୧।୧(ଏଜେନ୍ସି):** କାନାରା ବ୍ୟାଙ୍କରେ ୫୩୮ କୋଟି ଟଙ୍କା ଠକେଇ ମାମଲାରେ ଗିରଫ ପରେ ଜେଲ୍‌ରେ ଅଛନ୍ତି ଜେଟ୍ ଏୟରେଓ୍ୱେଜର ପ୍ରତିଷ୍ଠାତା ନରେଶ ଗୋଏଲ। ତାଙ୍କ ପତ୍ନୀ ଅନୀତା ମଧ୍ୟ କ୍ୟାନ୍‌ସରରେ ପୀଡ଼ିତ। ଏଭଳି ସମୟରେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ମାନବିକତା ଆଧାରରେ ଜାନୁଆରୀ ୧୩ରେ ପତ୍ନୀଙ୍କୁ ସାକ୍ଷାତ କରିବାକୁ ଗୋୟଲଙ୍କୁ ଅନୁମତି ଦେଇଛନ୍ତି। ଏହାସହ ନରେଶଙ୍କ ବିଭିନ୍ନ ରୋଗକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ ପାଇଁ ମଧ୍ୟ ଅନୁମତି ଦେଇଛନ୍ତି।

## ରାମ ମନ୍ଦିର ଉଦ୍‌ଘାଟନ

# ଅଯୋଧ୍ୟାରେ ବଢୁଛି ସମ୍ପତ୍ତି ମୂଲ୍ୟ



**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଅଯୋଧ୍ୟାରେ ନିର୍ମିତ ହୋଇଥିବା ରାମ ମନ୍ଦିରର ଉଦ୍‌ଘାଟନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସାରା ଦେଶରେ ଲୋକମାନେ ଏହାକୁ ଅପେକ୍ଷା କରିଛନ୍ତି। ରାମ ମନ୍ଦିରର ଉଦ୍‌ଘାଟନ ପୂର୍ବରୁ ମଧ୍ୟ ଏହା ସହ ଜଡିତ ଅନେକ କମ୍ପାନୀର ସେୟାର ପ୍ରତିଦିନ ନୂଆ ରେକର୍ଡ ସୃଷ୍ଟି କରୁଛି। କେବଳ ଏତିକି ନୁହେଁ ଅଯୋଧ୍ୟାରେ ସମ୍ପତ୍ତି ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ସେଠାରେ ହୋଟେଲ, ରିଏଲ୍ ଇଷ୍ଟେଟ୍ ନିବେଶକ ଏବଂ ଭାରତ ତଥା ବିଦେଶର ଅନେକ ଲୋକ ଜମି କିଣିବାକୁ ଆଗ୍ରହ ଦେଖାଉଛନ୍ତି।

ଲୋକଙ୍କ ଆଗ୍ରହ ବୃଦ୍ଧି ହେତୁ ଅଯୋଧ୍ୟାରେ ସମ୍ପତ୍ତି ମୂଲ୍ୟରେ ଏକ ବଡ଼ ଧରଣର ବୃଦ୍ଧି ଘଟିଛି। ରିଅଲ୍ ଇଷ୍ଟେଟ୍ ବ୍ରୋକରମାନେ କହିଛନ୍ତି ଯେ ଅନେକ ସମ୍ପତ୍ତିର ମୂଲ୍ୟ ୪ରୁ ୧୦ଗୁଣ ବୃଦ୍ଧି ପାଇଛି। ସମ୍ପତ୍ତିର ଏହି ବୃଦ୍ଧି ଭାରତ ଏବଂ ବିଦେଶର ଲୋକଙ୍କୁ ଆକର୍ଷିତ କରିଥିଲା।| ଅନେକ ଏନଆରଆଇ ଏବଂ ବରିଷ୍ଠ ନାଗରିକ ଅଯୋଧ୍ୟାରେ ସେମାନଙ୍କର ଦ୍ୱିତୀୟ ଘର କରିବାକୁ ଚାହୁଁଛନ୍ତି। ବଡ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକମାନେ ମଧ୍ୟ ଅଧିକ ଜମି କିଣିବାକୁ ଏବଂ ସେଠାରେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବାକୁ ମନସ୍ଥ କଲେଣି। ଅନାରକ୍ ଗ୍ରୁପ୍ ଚେୟାରମ୍ୟାନ୍ ଅନୁଜ ପୁରୀ କହିଛନ୍ତି ଯେ ୨୦୧୯ରେ ରାମ ମନ୍ଦିର ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରଠାରୁ ଅଯୋଧ୍ୟାରେ ଥିବା ରିଏଲ୍ ଇଷ୍ଟେଟ୍ କ୍ଷେତ୍ର ବୃଦ୍ଧି ପାଇବାରେ ଲାଗିଛି।

### ବିମାନ ଭଡା ୪୦୦% ବଢ଼ିଛି

## ୨୨ ତାରିଖ ପାଇଁ ସମସ୍ତ ଟିକେଟ୍ ବିକ୍ରି ସରିଛି

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ୨୨ ଜାନୁଆରୀରେ ଅଯୋଧ୍ୟାରେ ରାମ ମନ୍ଦିର ଉଦଘାଟନ ପୂର୍ବରୁ ବହୁ ସଂଖ୍ୟକ ଲୋକ ଅଯୋଧ୍ୟା ଯିବାକୁ ଚାହୁଁଛନ୍ତି। ଏହାର ପ୍ରଭାବ ବର୍ତ୍ତମାନ ବିମାନ ଭଡା ଉପରେ ଦୃଶ୍ୟମାନ ହେଉଛି। ଜାନୁଆରୀ ୨୦ରେ ବେଙ୍ଗାଲୁରୁରୁ ଅଯୋଧ୍ୟାକୁ ଗୋଟିଏ ପାର୍ଶ୍ୱ ବିମାନ ଯାତ୍ରାର ଶସ୍ତା ଟିକେଟ ମୂଲ୍ୟ ୨୪୦୦୦ ଟଙ୍କା ରଖାଯାଇଥିଲା। ତେବେ ଏହାମଧ୍ୟରେ ଜାନୁଆରୀ ୨୦ ପାଇଁ ସବୁଠାରୁ ମହଙ୍ଗା ଟିକଟ୍ର ମୂଲ୍ୟ ହେଉଛି ୨୯,୭୦୦ ଟଙ୍କା। ଜାନୁଆରୀ ୨୦ ଶନିବାର ଦିନ ବେଙ୍ଗାଲୁରୁ-ଅଯୋଧ୍ୟା ବିମାନ ଟିକେଟ ସବୁଠାରୁ ମହଙ୍ଗା। ଅଯୋଧ୍ୟା ବିମାନବନ୍ଦର କାର୍ଯ୍ୟ ଆରମ୍ଭ ହେବା ପରଠାରୁ ସେଠାକୁ ଗୋଟିଏ ପାର୍ଶ୍ୱ ବିମାନ ଟିକଟର ମୂଲ୍ୟ ପ୍ରାୟ ୬୦୦୦ ଟଙ୍କା ରହିଥିଲା। ତେବେ, ୧୯-୨୧ ଜାନୁୟାରୀ ସପ୍ତାହ ଶେଷ ପାଇଁ ଟିକେଟ୍ ମୂଲ୍ୟରେ ବହୁତ ବୃଦ୍ଧି ଘଟିଛି।

## ପଟିଆରେ ଫର୍ଣ୍ଣିଚର ସୋ'ରୁମ୍ 'କାଟିନାପୀ'




**ଭୁବନେଶ୍ୱର, ୧୧।୧(ସମିସ):** ପଟିଆରେ ଖୋଲିଲା ଫର୍ଣ୍ଣିଚର ସୋ'ରୁମ୍ 'କାଟିନାପୀ'। ଓଲିଓଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ, ଫେସନ୍ ଡିଜାଇନର୍ ସବ୍ୟସାଚୀ ଶତପଥୀ, ଇଣ୍ଡିଆ ଫେମ୍ ମାଷ୍ଟର ସେଫ୍ ସ୍ମୃତିଶ୍ରୀ ସିଂ ଏହାକୁ ଉଦ୍‌ଘାଟନ କରିଛନ୍ତି। ଲୋକଙ୍କ ଆବଶ୍ୟକତାକୁ ନଜରରେ ରଖି ଅଫିସ ଇଣ୍ଟେରିଅର ଡିଜାଇନ୍, ମଡ୍ୟୁଲାର କିଚେନ ଭଳି ବିଭିନ୍ନ ପ୍ରକାର ଘର ସାଜସଜାର ସାମଗ୍ରୀ ମିଳୁଛି। ଉତ୍ତମ କାରୁକାର୍ଯ୍ୟ ସହ ସାମଗ୍ରୀର ଗୁଣବତ୍ତା ଓ ପକେଟକୁ ସୁହାଇଲା ଭଳି ଦାମକୁ ସୋରୁମ୍ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କାଟିନାପୀ ଓଡ଼ିଶାର ନିଜସ୍ୱ ବ୍ରାଣ୍ଡ। ଏହାସହ ଏଠାରେ ରାଜ୍ୟବାହାରେ ପ୍ରଚଳିତ ବିଭିନ୍ନ ସ୍ଥାନରେ ଭିନ୍ନ ଡିଜାଇନ୍‌ରେ ପ୍ରସ୍ତୁତ ହେଉଥିବା ଆସବାବପତ୍ର ମିଳିଥାଏ। ଏହି ସୋ'ରୁମ୍‌କୁ ଲୋପାମୁଦ୍ରା ସାମଲ, ତପସ୍ୟା ପ୍ରସୁ ଜେନା, କବିତା ରଣା ଓ ଚନ୍ଦ୍ରଶେଖର ସାହୁ ପ୍ରମୁଖ ୪ଯୁବ ଉଦ୍ୟୋଗୀ ନିଜସ୍ୱ ଉଦ୍ୟମରେ ଖୋଲିଛନ୍ତି। ଜଙ୍ଗଲ ହେଉ ଅବା ପଶୁପକ୍ଷୀଙ୍କ ଥିମ ଥିବା ସୁନ୍ଦର କଳାକୃତିରେ ସଜେଇବାର ସମସ୍ତ କାରିଗରୀ ଏହି ସୋ'ରୁମ୍‌ରେ ପାଇପାରିବେ ବୋଲି ଅଭିନେତ୍ରୀ ଏଲିନା ସାମନ୍ତରାୟ କହିଛନ୍ତି।

## ଆଦିତ୍ୟ ବିର୍ଲା ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପକ୍ଷରୁ 'ଆକ୍ଟିଭ୍ ୱାନ୍' ଉନ୍ମୋଚିତ




**ଭୁବନେଶ୍ୱର,୧୧।୧(ସମିସ):** ଆଦିତ୍ୟ ବିର୍ଲା କ୍ୟାପିଟାଲ୍‌ରଏକ ଅଂଶ ଆଦିତ୍ୟ ବିର୍ଲା ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏକ ସରଳ ଏବଂ ବ୍ୟାପକ ସ୍ୱାସ୍ଥ୍ୟ ବୀମା ଯୋଜନାର ଶୁଭାରମ୍ଭ କରାଯାଇଛି ଯାହା ପଲିସିଧାରକଙ୍କ ସ୍ୱାସ୍ଥ୍ୟ ବୀମା ଆବଶ୍ୟକତା ସହିତ ସେମାନଙ୍କୁ ସୁସ୍ଥକର ରଖିବାରେ ସଶକ୍ତ କରିବ।

୧୦୦% ହେଲଥ୍ ରିଟର୍ଣ୍ଣ, କ୍ଲେମ୍ ପ୍ରୋଟେକ୍ଟ, ନୋ ସବ୍-ଲିମିଟ୍ସ, ସୁପର ରିଲୋଡ୍ ଏବଂ ସୁପର କ୍ରେଡିଟ୍ ଭଳି ଶିଳ୍ପର ଅଗ୍ରଣୀ ବୈଶିଷ୍ଟ୍ୟରେ ଭରପୂର ଆକ୍ଟିଭ୍ ୱାନ୍ କଂପାନିର ଏପର୍ଯ୍ୟନ୍ତ ସବୁଠାରୁ ବ୍ୟାପକ ଉତ୍ପାଦ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ଆବଶ୍ୟକତା ପୂରଣ କରିବା।ଆଦିତ୍ୟ ବିର୍ଲା ହେଲ୍ଥ ଇନସ୍ୟୁରାନ୍ସର ସିଇଓ ମୟଙ୍କ ବାଥୱାଲ କହିଛନ୍ତି ଯେ, ଆକ୍ଟିଭ୍ ୱାନ୍ ହେଉଛି ଆମର ଅଂଶୀଦାର ଯଥା ଗ୍ରାହକ, ପରାମର୍ଶଦାତା,ବିତରକମାନଙ୍କୁ ଭଲ ଭାବେ ଶୁଣିବାର ଫଳ। ସେମାନଙ୍କ ସୂଚନା ଏବଂ ବୁଝାମଣା ଆଧାରରେ, ଆମେ ଆକ୍ଟିଭ୍ ୱାନ୍ ବିକଶିତ କରିଛୁ ଯାହା ପ୍ରତ୍ୟେକ ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବ। ସେମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ କିମ୍ବା ଜୀବନ ସ୍ତରରେ ଏବଂ ଦୀର୍ଘକାଳୀନ ରୋଗ ସହିତ ସଂଘର୍ଷ କରିବାର ପର୍ଯ୍ୟାୟରେ ଏହା ସେମାନଙ୍କ ସହିତ ରହିବ। ଗୋଟିଏ ଉତ୍ପାଦରେ ୭ଟି ଭାରିଅଂଟ୍ ସୃଷ୍ଟି କରି ଆମେ ସମସ୍ତଙ୍କୁ ଏକର ଶକ୍ତି ପ୍ରଦାନ କରୁଛୁ। କମ୍ପାନୀରେ ଆମର ଲକ୍ଷ୍ୟ ସର୍ବଦା ସୁସ୍ଥତାକୁ ପ୍ରୋତ୍ସାହିତ କରିବା,ପଲିସିଧାରୀମାନଙ୍କୁ ଏକ ସୁସ୍ଥ ଜୀବନଶୈଳୀ ଏବଂ ସାମଗ୍ରିକ କଲ୍ୟାଣ ଗ୍ରହଣ କରିବାକୁ ଉତ୍ସାହିତ କରିବା। ଏହା ବ୍ୟତୀତ ପଲିସିରେ କ୍ରୋନିକ୍ କେୟାର କଭର ରହିଛି, ଯାହା ଶ୍ୱାସରୋଗ, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ, ମଧୁମେହ, ଦୀର୍ଘସ୍ଥାୟୀ ଅବଷ୍ଟ୍ରକ୍ଟିଭ୍ ପଲମୋନାରି ରୋଗ୍, ମୋଟାପଣ ଏବଂ କୋରୋନାରୀ ଆର୍ଟେରୀ ଡିଜିଜ୍ (ପିଟିସିଏ) ଭଳି ସାତଟି କ୍ରନିକ ରୋଗରେ ପୀଡ଼ିତ ଲୋକଙ୍କୁ ପ୍ରଥମ ଦିନ କଭର (ଶୂନ୍ୟ ପ୍ରତୀକ୍ଷା ଅବଧି) ପ୍ରଦାନ କରୁଛି।

## ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନୂଆ ନିୟମ ସହ ସହମତ ନୁହଁନ୍ତି ଔଷଧ ନିର୍ମାତା

# ମହଙ୍ଗା ହେବ ଅତିଜରୁରୀ ଔଷଧ ସାମଗ୍ରୀ

ନୂଆଦିଲ୍ଲୀ,୧୧।୧(ଏଜେନ୍ସି)

> ବନ୍ଦ ହୋଇଯିବ ଅନେକ ଛୋଟ ଓ ମଧ୍ୟମ ଫାର୍ମା କମ୍ପାନୀ:ନିର୍ମାତା ସଂଘ
>
> ଫେଲ୍ ମାରିବ ଉଚ୍ଚ ମାନର ଔଷଧ ଉତ୍ପାଦନ ପ୍ରୟାସ !



ଭାରତକୁ ବିଶ୍ୱର ଫାର୍ମାସୀ କୁହାଯାଏ। ଶସ୍ତା ଔଷଧ ତିଆରି କରିବାରେ ଭାରତ ସହ କୌଣସି ରାଷ୍ଟ୍ର ସମକକ୍ଷ ନୁହଁନ୍ତି। ହେଲେ ଆଗାମୀ ଦିନରେ ଏହି ଚିତ୍ର ବଦଳିଯାଇପାରେ। କାରଣ ଆଗକୁ ଦେଶରେ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବଢ଼ିପାରେ। , ଦେଶରେ ମହଙ୍ଗା ହେବ ଜରୁରୀ ଔଷଧ ସାମଗ୍ରୀ। ବାସ୍ତବରେ, ଔଷଧର ସ୍ୱଳ୍ପ ଯୋଗାଣ ହେତୁ ତାହାର ମୂଲ୍ୟ ବୃଦ୍ଧି ସମ୍ଭାବନା ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶର ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ପାଇଁ କିଛି ନିୟମ ପ୍ରସ୍ତୁତ କରିଛି, ଯାହା ସେମାନଙ୍କର କାରଖାନା ଚଳାଇବାର ମାନକ ପ୍ରଣାଳୀ (ଏଓ୍ୱପି)। କେନ୍ଦ୍ର ସକାରଙ୍କ ଏହି ନିୟମ ସହ ସହମତ ନୁହଁନ୍ତି ଔଷଧ ନିର୍ମାତା। ଔଷଧ ଉତ୍ପାଦନକାରୀ ସଂଘର ଅଭିଯୋଗ ହେଉଛି ଯେ ଏହି ନିୟମ ଯୋଗୁଁ ଦେଶରେ ଶସ୍ତା ଔଷଧ ଉତ୍ପାଦନ କରୁଥିବା ଅନେକ ଛୋଟ କମ୍ପାନୀ ବନ୍ଦ ହୋଇଯିବାର ଆଶଙ୍କା ରହିଛି।

ନିୟମରେ ଫାର୍ମାସ୍ୟୁଟିକାଲ୍ କାରଖାନାଗୁଡିକର କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ସଂଶୋଧିତ ନିୟମାବଳୀ 'ସିଡ୍ୟୁଲ୍-ଏମ୍' ସମ୍ପର୍କରେ ନିକଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଜ୍ଞପ୍ତି ଜାରି କରିଛି। ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକର କାର୍ଯ୍ୟାଳୟ କେତେ ବଡ, କାରଖାନା କେତେ ବଡ ହେବା ଉଚିତ, ସେଠାରେ କେଉଁ ସବୁ ଉଭିଦ ଏବଂ କେଉଁ ଉପକରଣ ବ୍ୟବହାର କରାଯିବା ଉଚିତ ତାହା ଏଥିରେ କୁହାଯାଇଛି। ଏହା ବ୍ୟତୀତ ଔଷଧ ଉତ୍ପାଦନ ପାଇଁ ଭଲ ଅଭ୍ୟାସଗୁଡିକ ବିଷୟରେ ମଧ୍ୟ ଏଥିରେ ସୂଚନା ଦିଆଯାଇଛି। କେବଳ ଏତିକି ନୁହେଁ, ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକୁ ମଧ୍ୟ ପ୍ରତିବର୍ଷ ଗୁଣାତ୍ମକ ସମୀକ୍ଷା ଏବଂ ଗୁଣାତ୍ମକ ବିପଦ ପରିଚାଳନା ସମୀକ୍ଷା କରିବାକୁ ପଡିବ। ଅପରପକ୍ଷେ ଔଷଧ ନିର୍ମାତାଙ୍କ କହିବା ହେଉଛି ଅନେକ ନିୟମ ଅନୁସରଣ କରିବାକୁ ସେମାନଙ୍କ ପାଖରେର ପର୍ଯ୍ୟାପ୍ତ ଉତ୍ସ ନାହିଁ। ଏହି ନିୟମଗୁଡିକୁ ଅନୁପାଳନ କଲେ ସେମାନଙ୍କର ଉତ୍ପାଦନ ଖର୍ଚ୍ଚ ବଢ଼ିବ। ଏପରିକି ଅନେକ ଛୋଟ ଏବଂ ମଧ୍ୟମ ଧରଣର ଫାର୍ମା କମ୍ପାନୀ ଏହାକୁ ପରିଚାଳନା କରି ନ ପାରି ବନ୍ଦ ହୋଇଯିବେ। ଏଭଳି ପରିସ୍ଥିତିରେ ଔଷଧର ଅଭାବ ଦେଖାଦେବା ଅନିବାର୍ଯ୍ୟ। ଏମିତିକି ଏଥିଯୋଗୁ ବଜାରରେ ଔଷଧର ମୂଲ୍ୟ ବୃଦ୍ଧି ହେବ।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ଜୁଲାଇରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାନସୁଖ ମାଣ୍ଡଗା ସ୍ପଷ୍ଟ କରିଛନ୍ତି ଯେ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ (ଏମଏସଏମଇ) ଫାର୍ମାସ୍ୟୁଟିକାଲ କମ୍ପାନୀଗୁଡିକ ପାଇଁ 'ସିଡ୍ୟୁଲ-ଏମ୍' ବାଧ୍ୟତାମୂଳକ କରାଯିବ। ଏହା ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଯେଉଁ କମ୍ପାନୀଗୁଡିକରେ ବର୍ଷକୁ ୨୫୦କୋଟିରୁ ଅଧିକ ଟଙ୍କାର କାରବାର ହୋଇଛି, ସେମାନଙ୍କୁ ୨୦୨୩ ଅଗଷ୍ଟ ପହିଲା ସୁଦ୍ଧା ଏହି ନିୟମ ମାନିବାକୁ ପଡିବ। ଛୋଟ କମ୍ପାନୀଗୁଡିକ ପାଇଁ ନିୟମ ଲାଗୁ କରିବାକୁ ଏକ ବର୍ଷ ସମୟ ଦିଆଯାଇଛି।



## ଗ୍ରୀନ୍ କରିଡର୍ ପାଇଁ ତ୍ରୁଟି ଚିହ୍ନଟ

# ୪୮ ଛକରୁ ୫୮ ପ୍ରସ୍ତାବ

**ଭୁବନେଶ୍ୱର, ୧୧।୧ (ସମିସ):**

ଦିଲ୍ଲୀ ଢାଞ୍ଚାରେ ପରିଚାଳନା ହେବ ରାଜଧାନୀ ଟ୍ରାଫିକ୍ ବ୍ୟବସ୍ଥା। ଗ୍ରୀନ କରିଡର୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ଆଉ ପାଦେ ଆଗେଇଛି ଭୁବନେଶ୍ୱର ଟ୍ରାଫିକ୍ ପୁଲିସ। ଟ୍ରାଫିକ୍ ପରିଚାଳନା ସମୟରେ ରାଜଧାନୀର ବିଭିନ୍ନ ଛକଗୁଡ଼ିକରେ ଉପୁଜିଥିବା ସମସ୍ୟାକୁ ଲିଖିତ ଭାବେ ଅବଗତ କରାଇଛନ୍ତି ସେକ୍ଟର ଅଧିକାରୀ। ୪୮ଟି

- **ନାକାଗେଟ୍, ସମ୍ ଛକରେ ହେଉ ଟ୍ରାଫିକ ପୋଷ୍ଟ**
- **ଛକକୁ ଛକ ବୁଲି ସମୀକ୍ଷା କରୁଛନ୍ତି ଅତିରିକ୍ତ ସିପି**

ଛକରୁ ପ୍ରାୟ ୫୮ଟି ସମସ୍ୟା ଓ ସମାଧାନ ଲାଗି ସେକ୍ଟର ଅଧିକାରୀମାନେ ପ୍ରସ୍ତାବ ଦେଇଛନ୍ତି। କେଉଁଠି ନୂଆ ଟ୍ରାଫିକ ପୋଷ୍ଟ କରିବାକୁ ତ ଆଉ କେଉଁଠି ସ୍ଥାୟୀ ଭାବେ କ୍ରେନ ରଖିବାକୁ ପ୍ରସ୍ତାବ ଆସିଛି। ପୁଣି କେଉଁଠାରୁ ରାସ୍ତା



ମଝିରୁ ବିଦ୍ୟୁତ ଖୁଣ୍ଟ ହଟାଇବାକୁ ତ ଆଉ କେଉଁଠି ରାସ୍ତା ଚଉଡ଼ା କରିବାକୁ ପ୍ରସ୍ତାବ ଦେଇଛନ୍ତି ସେକ୍ଟର ଅଧିକାରୀ। ସେକ୍ଟର ଅଧିକାରୀମାନେ ଦେଇଥିବା ସମସ୍ୟା ଓ ସମାଧାନ ଉପରେ ଟ୍ରାଫିକ୍ ଏସିପି ନିଜର ମତାମତ ରଖିଛନ୍ତି। ସମସ୍ୟା ହସ୍ତଗତ ହେବା ପରେ ଛକ ଛକ ବୁଲି ସମୀକ୍ଷା ଆରମ୍ଭ କରିଛନ୍ତି ଅତିରିକ୍ତ ପୁଲିସ କମିସନର୍ ବ୍ରିଜେଶ ରାୟ। ସୂଚନା ଅନୁସାରେ, ରାଜଧାନୀ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଦୁଇଟି ଟ୍ରାଫିକ୍ ଥାନା ଅଞ୍ଚଳକୁ ୧୩ଟି ସେକ୍ଟରରେ ବିଭକ୍ତ କରାଯାଇଛି। ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟରଙ୍କୁ ପ୍ରତ୍ୟେକ ସେକ୍ଟରର ଦାୟିତ୍ୱ ଦିଆଯାଇଛି। ଟ୍ରାଫିକ୍ ପରିଚାଳନା ସମୟରେ କେଉଁ ସବୁ ସମସ୍ୟା ସୃଷ୍ଟି ହେଉଛି ଓ ତାହାର ସମାଧାନ କରିବା ଲାଗି ପ୍ରସ୍ତାବ ଦେବାକୁ କୁହାଯାଇଥିଲା। ନିକଟରେ ୧୩ ଜଣ ସେକ୍ଟର ଅଧିକାରୀ ସେମାନଙ୍କ ସେକ୍ଟରରେ ଥିବା ସମସ୍ୟାକୁ ଲିଖିତ ଭାବେ ଜଣାଇଛନ୍ତି। ଏବେ ପଲାଶୁଣୀ ଛକରେ କୌଣସି ଗାଡ଼ି ବ୍ରେକ୍ ଡାଉନ୍ ହେଲେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହାର ସମାଧାନ ଲାଗି ସେଠାରେ ଏକ କ୍ରେନ୍ ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଫଳରେ ବ୍ରେକ ଡାଉନ ହେଲେ କମ୍ ସମୟରେ ଗାଡ଼ିକୁ ରାସ୍ତାରୁ ହଟାଯାଇ ଟ୍ରାଫିକ ବ୍ୟବସ୍ଥାକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିହେବ। ସାଇ ମନ୍ଦିର ଠାରୁ ରବି ଟକିଜ ରାସ୍ତାର ମଝିରେ ଥିବା ବିଦ୍ୟୁତ ଟାୱାରକୁ ମଝିରୁ ହଟାଇ ରାସ୍ତା କଡ଼କୁ ଆଣିବାକୁ ପ୍ରସ୍ତାବ ଆସିଛି। ପାଣ୍ଡରା ଓ କେଶୁରା ଛକରେ ସନ୍ଧ୍ୟା ସମୟରେ ଅଧିକ ଟ୍ରାଫିକ ପୁଲିସ ନିୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଛି । ସେହିପରି ଭିଡ଼କୁ ଆଖି ଆଗରେ ରଖି ସମ୍ ହସପିଟାଲ ଓ ନାକାଗେଟ୍ ଛକରେ ଟ୍ରାଫିକ ପୋଷ୍ଟ କରିବା ପାଇଁ ପ୍ରସ୍ତାବ ଆସିଛି। ଏଥିସହିତ ଫାୟାର ଷ୍ଟେସନ ଛକରୁ ପଟାସ ବଣିଆ ଛକ ଆଡ଼କୁ ଯାଇଥିବା ରାସ୍ତାର ମଝିରେ ମେଡିଆନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏଥିସହିତ ଅନେକ ଛକରେ ପରିସ୍ରା ଗାର କରିବା, ଟ୍ରାଫିକ ସିଗ୍ନାଲ ଲାଇଟ୍ ଲଗାଇବା ସହିତ ଏକାଧିକ ସ୍ଥାନରେ ଥିବା କଟ୍ ଗୁଡ଼ିକ ବନ୍ଦ କରିବା ପାଇଁ ସେକ୍ଟର ଅଧିକାରୀମାନେ ପ୍ରସ୍ତାବ ଦେଇଛନ୍ତି। ଛକ ଛକ ବୁଲି ସେକ୍ଟର ଅଧିକାରୀମାନେ ଦେଇଥିବା ସମସ୍ୟା, ତାହାର ସମାଧାନ ଓ ଟ୍ରାଫିକ ପରିଚାଳନାକୁ କିପରି ସୁବ୍ୟବସ୍ଥିତ କରିହେବ ତାକୁ ନେଇ ସମୀକ୍ଷା କରୁଛନ୍ତି ଅତିରିକ୍ତ ପୁଲିସ କମିସନର ବ୍ରିଜେଶ ରାୟ। ବିଭିନ୍ନ ଛକ ବୁଲିସାରିବା ପରେ ଏକ ବୈଠକ କରାଯାଇ ସବୁ ସମସ୍ୟା ଆଲୋଚନା କରାଯିବା ସହିତ ତାହାର ସମାଧାନ ଉପରେ ତ୍ୱରିତ ପଦକ୍ଷେପ ନିଆଯିବ । ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବା ପରେ ଗାଡ଼ି ଚାଳକମାନେ କୌଣସି ଛକରେ ନ ଅଟକି ସିଧାସଳଖ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ଏହାଦ୍ୱାରା ସହରର ରାସ୍ତାଗୁଡ଼ିକରେ ଆଉ ଭିଡ଼ ପରିଲକ୍ଷିତ ହେବନାହିଁ।

# ୧୫ ପରେ କମିସନରେଟ୍ ପୁଲିସରେ ଅଦଳବଦଳ

**ଭୁବନେଶ୍ୱର, ୧୧।୧(ସମିସ):** ଆଗକୁ ସାଧାରଣ ନିର୍ବାଚନ ରହିଛି। ନିର୍ବାଚନ କମିସନରଙ୍କ ନିୟମ ଅନୁସାରେ ପୁଲିସ କର୍ମଚାରୀ ଗୋଟିଏ ଥାନାରେ ୩ବର୍ଷରୁ ଅଧିକ ସମୟ ଧରି ରହିପାରିବେ ନାହିଁ। ସେହିକ୍ରମରେ ଏପ୍ରିଲ ମାସରେ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଆସନ୍ତା ୧୫ ତାରିଖ ପରେ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ କରାଯିବ ବୋଲି ସୂଚନା ମିଳିଛି। ଏଥର ମଧ୍ୟ କଟକରୁ ୧୦ ଜଣ ଇନ୍ସପେକ୍ଟର ଭୁବନେଶ୍ୱରକୁ ଆସିବାକୁ ଥିବା ବେଳେ ଆଉ ଭୁବନେଶ୍ୱରରୁ

- **କଟକରୁ ଆସିବେ ୧୦, ଯିବେ ୮**
- **୧୨ଟି ଥାନାରେ ନୂଆ ଅଧିକାରୀ**

୮ଜଣ ଇନ୍ସପେକ୍ଟର କଟକ ଯାଇପାରନ୍ତି। ବଡ଼ କଥା ହେଲା ଭୁବନେଶ୍ୱରରେ ଥିବା ୧୨ଟି ଥାନା ନୂଆ ଅଧିକାରୀ ପାଇବେ। ଏହିକ୍ରମରେ ବାଲିପାଟଣା, କ୍ୟାପିଟାଲ ଥାନାରେ ଥିବା ଇନ୍ସପେକ୍ଟରଙ୍କୁ କଟକ ବଦଳି କରାଯିବ। ସେହିପରି ବାଲିଅନ୍ତା ଥାନା, ଚନ୍ଦକା ଥାନା, ଚନ୍ଦ୍ରଶେଖରପୁର ଥାନା, ନନ୍ଦନକାନନ ଥାନା ଆଦି ଥାନାର ଇନ୍ସପେକ୍ଟରମାନଙ୍କର ବଦଳି କରାଯିବ। ସେହିପରି ସହିଦନଗର ଥାନା ଅଧିକାରୀ ଏବଂ ଏୟାରପୋର୍ଟ ଥାନା ଅଧିକାରୀଙ୍କ ପଦୋନ୍ନତି ମିଳିଥିବାରୁ ସେମାନେ ଅନ୍ୟତ୍ର ଯୋଗଦେଇପାରନ୍ତି। ଏହି ଦୁଇ ଥାନାରେ ମଧ୍ୟ ନୂତନ ଅଧିକାରୀଙ୍କୁ ନିଯୁକ୍ତି କରାଯିବ। ଲକ୍ଷ୍ମୀସାଗର, ବଡ଼ଗଡ଼, ଧଉଳି ଏବଂ ଇନ୍‌ଫୋସିଟି ଥାନାରେ ନୂଆ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ସୂଚନା ମିଳିଛି।

# ଓଡ଼ିଆ ବିଶ୍ୱଭାଷା ସମ୍ମିଳନୀର ପ୍ରାରମ୍ଭିକ ଉତ୍ସବ



**ଭୁବନେଶ୍ୱର, ୧୧।୧(ସମିସ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ବିଶ୍ୱଭାଷା ସମ୍ମିଳନୀର ପ୍ରାରମ୍ଭିକ ପର୍ଯ୍ୟାୟ' ଉତ୍ସବ ଆୟୋଜିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଅର୍ଚ୍ଚନା ନାୟକ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡିଚରଣ ରଥ, ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. କଲ୍ୟାଣୀ ଷଡ଼ଙ୍ଗୀ, ଡ. ଅତସୀ ରଥ ଏବଂ ଅଧ୍ୟାପକ ଡ. ଦେବେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀର ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଭକ୍ତି ସଙ୍ଗୀତ, ବିତର୍କ, ପ୍ରବନ୍ଧ, କଳାତ୍ମକ ହସ୍ତଲିଖନ, ନାଟ୍ୟାଭିନୟ ଏବଂ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ପୁଷ୍ପିତା ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଲ' କଲେଜ ପକ୍ଷରୁ ସତ୍ୟପାଠ ଦାଖଲ

**ଭୁବନେଶ୍ୱର, ୧୧।୧ (ସମିସ) :** ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିସିଆଇ) ସହିତ ଅନୁବନ୍ଧନ ନବୀକରଣ କରିବା ପାଇଁ ୟୁନିଭରସିଟି ଆଇନ୍ ମହାବିଦ୍ୟାଳୟ ସତ୍ୟପାଠ ଦାଖଲ କରିଛି। ଗତ ଡିସେମ୍ବର ୨୩ ତାରିଖରେ ସତ୍ୟପାଠ ଦାଖଲ କରାଯାଇଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି। ୨୦୧୯ ମସିହାରେ ଅନୁବନ୍ଧିତ ନବୀକରଣ କରିବାକୁ ବିସିଆଇ ଚିଠିର ଉତ୍ତର ତତ୍କାଳୀନ ଅଧ୍ୟକ୍ଷ ଦାଖଲ କରି ନଥିଲେ। ଫଳରେ ଏହି ପ୍ରକ୍ରିୟା ବିଳମ୍ବିତ ହୋଇଥିବା ସେ କହିଛନ୍ତି। ସମସ୍ତ ବିଷୟ ବିସିଆଇ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପୂର୍ବରୁ ଆବଶ୍ୟକ ଅର୍ଥରାଶି ପୈଠ କରିଥିବା ବେଳେ ଖୁବ୍‌ଶୀଘ୍ର ବିସିଆଇ ଅନୁବନ୍ଧିତ ନବୀକରଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସୂଚନଯୋଗ୍ୟ ଗତ ମଙ୍ଗଳବାର ଦିନ ବିସିଆଇ ଅନୁବନ୍ଧନ ନବୀକରଣ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉପସ୍ଥିତରେ ଆଲୋଚନା କରିଥିଲେ। ଯାହାକୁ ନେଇ ମହାବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି।

# ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ



**ଭୁବନେଶ୍ୱର, ୧୧।୧ (ସମିସ):** ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏୟାରପୋର୍ଟ କଲୋନୀରେ ରହୁଥିବା ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଲୁଣିସରା ଗାଁର ବବୁଲ ଓରଫ୍ ସଞ୍ଜିତ କୁମାର ସାହୁ (୨୪)। ପୁଲିସ ସୂଚନା ଅନୁଯାୟୀ, ଜଣେ ନାବାଳିକା ଏୟାରପୋର୍ଟ ଥାନା ଅଞ୍ଚଳରେ ରହୁଥିବା ତାଙ୍କ ଜେଜେବାପା ଓ ଜେଜେମାଙ୍କ ପାଖରେ ରହିବା ସହିତ ଭୁବନେଶ୍ୱରର ଏକ ବେସରକାରୀ କଲେଜରେ ପଢୁଛନ୍ତି। ବବୁଲ ମଧ୍ୟ ସେହି ଅଞ୍ଚଳରେ ରହୁଥିବା ଯୋଗୁଁ ନାବାଳିକାଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା ଓ ଉଭୟ ପରସ୍ପରକୁ ଭଲ ପାଉଥିଲେ। ଗତ ନଭେମ୍ବର ୧ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ କୋଚିଂ କ୍ଲାସ୍ ଲାଗି ଘରୁ ଯାଇଥିବା ବେଳେ ବବୁଲ ତାଙ୍କୁ ସେଠାରୁ ଅପହରଣ କରି ନେଇ ପାରାଦୀପ ମଣିଜଙ୍ଗାର ଏକ ଭଡ଼ାଘରେ ରଖିଥିଲା। ଏଥିସହିତ ନିକଟସ୍ଥ ଏକ ମନ୍ଦିରରେ ବିବାହ କରିଥିଲା। ବବୁଲ ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଆଇନସିଦ୍ଧ ପତ୍ନୀ ବୋଲି ବିଶ୍ୱାସ ଦେଇ ତାଙ୍କ ସହିତ ଏକାଧିକ ବାର ଶାରୀରିକ ସମ୍ପର୍କ ରଖିଥିଲା। ପରବର୍ତ୍ତୀ ସମୟରେ ନାବାଳିକାକୁ ନେଇ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳକୁ ଚାଲି ଆସିଥିଲା। ନାବାଳିକାଙ୍କ ଦାଦା ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗୁରୁବାର ବବୁଲକୁ ଗିରଫ କରିଥିଲା। ଏଥିସହିତ ଖଣ୍ଡଗିରି ଛକ ନିକଟରେ ବୁଲୁଥିବା ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା।

# ସାଙ୍ଗକୁ ଆକ୍ରମଣ କରି ଦୁଇ ଗିରଫ

**ଭୁବନେଶ୍ୱର, ୧୧।୧ (ସମିସ):** ମୋବାଇଲ୍ ଚୋରି କରିଥିବା ସନ୍ଦେହରେ ସାଙ୍ଗକୁ ଆକ୍ରମଣ କରିଥିବା ଦୁଇଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଭୂତୁରୁବୁଣୀ ଗାଁର ଭୀମ ହେମ୍ବ୍ରମ (୨୫) ଓ ଗୋଧିମରା ଗାଁର ସାହୁନା ସୋରେନ (୨୪) । ପୁଲିସ ସୂଚନା ଅନୁସାରେ, ଗତ ୮ ତାରିଖ ଦିନ ଭୀମ ହେମ୍ବ୍ରମର ମୋବାଇଲ ଫୋନ ହଜି ଯାଇଥିଲା। ମୋବାଇଲ୍ ଫୋନ ହଜିବାକୁ ନେଇ ଭୀମ ଅଭିଯୋଗ କରିବ ବୋଲି ସାହୁନା, ସୁବାସ ଓ ଆଉ ଜଣେ ସାଙ୍ଗ ସହ ମିଶି ଇନ୍‌ଫୋସିଟି ଥାନାକୁ ଯାଇଥିଲା। ଥାନାରୁ ଫେରି ସମସ୍ତେ ଚିଗୋରଡୋଲା ବସ୍ତିର ଟଏଲେଟ୍ ନିକଟରେ ପହଞ୍ଚିଥିଲେ। ସୁବାସ ତାଙ୍କ ମୋବାଇଲ ଚୋରି କରିଥିବା ଭୀମ ସନ୍ଦେହ କରିଥିଲା। ଭୀମ, ସାହୁନା ଓ ସହଯୋଗୀ ମିଶି ସୁବାସଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏଥିସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଆକ୍ରମଣରେ ସୁବାସଙ୍କ ଶରୀରରେ ଗୁରୁତର ଆଘାତ ଲାଗିଥିଲା। ଘଟଣାର ଅଭିଯୋଗ ପରେ ଇନ୍‌ଫୋସିଟି ଥାନା ପୁଲିସ ମାମଲା ରୁଜୁକରି ଭୀମ ଓ ସାହୁନାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅନ୍ୟତମ ଅଭିଯୁକ୍ତକୁ ଧରିବା ଲାଗି ଉଦ୍ୟମ କରୁଛି ପୁଲିସ।

# ଲୁଟେରାକୁ ଦେଢ଼ବର୍ଷ ଜେଲ୍‌ଦଣ୍ଡ

**ଭୁବନେଶ୍ୱର, ୧୧।୧ (ସମିସ):** ମୋବାଇଲ ଲୁଟ୍ ମାମଲାର ଶୁଣାଣି କରି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ମୈତ୍ରୀ ସାମନ୍ତରାୟ ଆସାମୀ କାହ୍ନୁ ବଳିୟାରସିଂହକୁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଦାଲତ ତାକୁ ଦେଢ଼ବର୍ଷ ଜେଲ୍ ଓ ୧୦୦ ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ, ୨୦୨୨ ଜୁଲାଇ ୩ ତାରିଖ ଦିନ ସକାଳେ ରଜନୀକାନ୍ତ ଜେନା ଭିଙ୍ଗାରପୁର ବଜାରରୁ ପରିବାପତ୍ର କିଣୁଥିବା ସମୟରେ କାହ୍ନୁ ବଳିୟାରସିଂହ ଶକ୍ତ ଧକା ପକାଇ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇଥିଲା। ରଜନୀକାନ୍ତ ଅନ୍ୟ ଦୁଇଜଣଙ୍କ ସହଯୋଗରେ କାହ୍ନୁକୁ କାବୁ କରି ପୁଲିସ ଜିମା ଦେଇଥିଲେ। ରଜନୀକାନ୍ତଙ୍କ ଅଭିଯୋଗ ଭିତ୍ତିରେ ବାଲିଅନ୍ତା ଥାନା ପୁଲିସ କେସ ନଂ-୨୫୬/୨୦୨୨ ରେ ଦଫା ୩୯୨ ଆଇପିସି ଲଗାଇ ଏକ ମାମଲା ରୁଜୁ ମୋବାଇଲ୍ ଜବତ କରିବା ସହ ତାକୁ ଗିରଫ କରିଥିଲା। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଏହି ମାମଲାର ବିଚାର କରିବା ସହିତ ସାକ୍ଷୀମାନଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ କାହ୍ନୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର କ୍ଷୀରୋଦ ଚନ୍ଦ୍ର ପଣ୍ଡା ଓ ରଜନୀକାନ୍ତ ମିଶ୍ର ପରିଚାଳନା କରିଥିଲେ ।

# ୧୦ ଦିନରେ ନେଇଗଲେ ଦେଢ଼ କୋଟି

**ଭୁବନେଶ୍ୱର, ୧୧।୧(ସମିସ):** ଗତ ୧୦ ଦିନ ମଧ୍ୟରେ ରାଜଧାନୀରୁ ଦେଢ଼ କୋଟି ଟଙ୍କା ଲୁଟିଲେଣି ସାଇବର୍ ଠକ। ଅନ ଲାଇନ ପାର୍ଟ ଟାଇମ ଚାକିରିର ପ୍ରଲୋଭନ ଦେଖାଇ ଡମଣା ଅଞ୍ଚଳର ଦୀପକ ସାହୁଙ୍କ ଠାରୁ ଟେଲିଗ୍ରାମ୍ ଜରିଆରେ ୯ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପ୍ରଥମେ ୮ଶହ ଓ ପରେ ୧୦ ହଜାର ଟଙ୍କା ଡିପୋଜିଟ୍ କରି ୧୩ ହଜାର ଟଙ୍କା ଉଠାଇଥିଲେ। ଏହା ପରେ ୯ଲକ୍ଷ ଟଙ୍କା ଡିପୋଜିଟ୍ କରିଥିଲେ ମଧ୍ୟ ଆଉ ଟଙ୍କା ଫେରିପାଇ ନ ଥିଲେ। ସେହିପରି ଫେସ୍‌ବୁକ୍‌ରେ ମଡେଲିଂ ହେବାର ବିଜ୍ଞାପନ ଦେଇ ଜଣେ ମହିଳାଙ୍କ ଠାରୁ ୧ ଲକ୍ଷ ୧୩ ହଜାର ଟଙ୍କା ଲୁଟି ନେଇଛନ୍ତି ସାଇବର୍ ଠକ। ଏନେଇ ମହିଳା ପୂଜା ଦଳେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ୨୦୨୪ ଜାନୁୟାରୀ ୧୧ତାରିଖ ସୁଦ୍ଧା ୧୧ଜଣଙ୍କ ଆକାଉଣ୍ଟରୁ ୧୧କୋଟିରୁ ଅଧିକ ଟଙ୍କା ନେଇଗଲେଣି ସାଇବର୍ ଠକ। ସେହିଭଳି ରେଢ଼ାଖୋଲ ବିଧାୟକଙ୍କ ବାପା ମଧ୍ୟ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ନାମରେ ଜାଲ ଆକାଉଣ୍ଟ ଖୋଲି ଟଙ୍କା ମାଗୁଥିବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି।

# ସାଇଫନ୍ ଫ୍ଲାଏଓଭର୍ କାର୍ଯ୍ୟକୁ ନେଇ ଉତ୍ତେଜନା

**ବାଲିଅନ୍ତା, ୧୧।୧(ସମିସ):** ବାଲିଅନ୍ତା ସାଇଫନ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ଆସିଥିବା ଅନୁଦାନ ଅର୍ଥ ଅନିୟମିତତା ନେଇ ଘଟଣାସ୍ଥଳରେ ଗୁରୁବାର ପୂର୍ବାହ୍ଣରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିମଳ କୁମାର ଦାଶ ଓ ଠିକାଦାରଙ୍କୁ ଦୀର୍ଘ ସମୟ ଧରି ଘେରି କାମ ବନ୍ଦ କରିବାକୁ ଦାବି କରିଥିଲେ। କେନାଲ ଶଯ୍ୟାରୁ ପଙ୍କ କାଦୁଅ କଢ଼ାନଯାଇ ତା' ଉପରେ ପାଇଲିଂ ପିଲର ବେସ୍ ଓ ଚଟାଣ କରାଯାଉଛି। ଫଳରେ ବ୍ରିଜର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଙ୍କ କାଦୁଅ ଭିତରେ କଂକ୍ରିଟ ଢଳେଇ କରାଗଲେ ବ୍ରିଜ୍ ଭୁଶୁଡ଼ିପଡ଼ିବାର ଆଶଙ୍କା ରହିଥିବା ଅଭିଯୋଗ ହେଉଛି। ଖବର ନେବାରେ ଜଣାପଡ଼ିଛି ୨୦୨୩/୨୪ ଆର୍ଥିକ ବର୍ଷରେ ବାଲିଅନ୍ତା ସାଇଫନ୍ ଫ୍ଲାଏଓଭର୍ ବ୍ରିଜ୍ ନିର୍ମାଣ କାର୍ଯ୍ୟ ନେଇ ୨କୋଟି ୩୮ଲକ୍ଷ

- **ପଙ୍କ କାଦୁଅରେ ଚାଲିଛି କଂକ୍ରିଟ ଢଳେଇ**
- **ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲେ ଉତ୍ୟକ୍ତ ଲୋକେ**

ଟଙ୍କାର ବ୍ୟୟ ଅଟକଳ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ଗତମାସ ଠାରୁ ବ୍ରିଜ ନିର୍ମାଣ ନେଇ ତଳପାର୍ଶ୍ୱ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରାୟ ୫୦ଫୁଟ ଲମ୍ବ ଓ ୪୦ ଫୁଟ ଚଉଡ଼ାରେ ବ୍ରିଜ ନିର୍ମାଣ କରାଯିବ। ଗୁରୁବାର ତଳପାର୍ଶ୍ୱ ବେସ ଢଳେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଇଥିଲା। ହେଲେ ପଙ୍କ କାଦୁଅ କଢ଼ା ନ ଯାଇ ସେଥିରେ ସିମେଣ୍ଟ କଂକ୍ରିଟ ଢଳେଇ କାର୍ଯ୍ୟ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ ଲୋକ ପହଞ୍ଚି କାମବନ୍ଦ କରିବାକୁ ଦାବି କରିଥିଲେ। ପଙ୍କ କାଦୁଅ ଭଲ ଭାବରେ ପୁନରୁଦ୍ଧାର କରି କଂକ୍ରିଟ ଢଳେଇ ଆରମ୍ଭ କରିବାକୁ ଦାବି କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଘେରି ରହିଥିଲେ। କାଦୁଅ ପଙ୍କ ଭଲଭାବେ ସଫା କରି ଢଳେଇ ଆରମ୍ଭ କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଖାଦକ ଜାଲରେ ଶିଶିର ବିନ୍ଦୁ



ଫଟୋ-ସନ୍ତୋଷ

## ଅଥୟ କଲେଣି ସାଇବର୍ ଅପରାଧୀ...

# ତିନିବର୍ଷରେ ଠକିନେଲେଣି ୩୦ କୋଟି

**ଭୁବନେଶ୍ୱର, ୧୧।୧(ସମିସ):**

ଭୁବନେଶ୍ୱରରେ ଉତ୍ପାତ କଲେଣି ସାଇବର୍ ଅପରାଧୀ। ୨୦୨୩ରେ ରାଜଧାନୀରେ ରାଜୁତି କରିଥିଲେ ସାଇବର୍ ଠକ। ସୋସିଆଲ ମିଡିଆ ଫେକ୍ ଆଇଡି ଓ ଟେଲିଗ୍ରାମ୍ ମାଧ୍ୟମରେ ଲୁଟି ନେଉଛନ୍ତି ଟଙ୍କା। କେତେବେଳେ ବିଦ୍ୟୁତ୍ ବିଲ୍ ପୈଠ ତ କେତେବେଳେ ଲୋନ୍ ଆପ, ପୁଣି ଆଉ କେତେବେଳେ ଫୁଙ୍ଗୁଳା ଦେହ ଦେଖାଇ

- **୨୦୨୨ ଅପେକ୍ଷା ଗତବର୍ଷ ମାମଲା ଦୁଇଗୁଣ**
- **୧୩୨ ମାମଲା ରୁଜୁ; ହଟସ୍ପଟ୍ ଇନ୍‌ଫୋସିଟି**

ଟଙ୍କା ଠକେଇ ହୋଇଛି। ୟୁପିଆଇ, କ୍ରେଡିଟ ଓ ଡେବିଟ୍ କାର୍ଡ ଆଳରେ ଠକେଇ ପରିମାଣ ବଢ଼ିଚାଲିଛି। ଗତ ତିନିବର୍ଷରେ ଭୁବନେଶ୍ୱରରୁ ସାଇବର୍ ଠକ ନେଇଯାଇଛନ୍ତି ୩୦ କୋଟି ଟଙ୍କା। ୧୩୨ଟି ମାମଲା ରୁଜୁକରି ତଦନ୍ତ କରୁଛି ସାଇବର୍ ଥାନା ପୁଲିସ। ଠକେଇ ଟଙ୍କାରୁ ପ୍ରାୟ ୧୪ କୋଟି ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି ସାଇବର୍ ଥାନା ପୁଲିସ। ସେଭଳି ଚଳିତବର୍ଷ ମାସର ପ୍ରଥମ ୧୦ ଦିନରେ ଦେଢ଼କୋଟି ଟଙ୍କା ନେଇଗଲେଣି ସାଇବର୍ ଅପରାଧୀ। ସେହିପରି ୨୦୨୨ରେ ୧୩କୋଟି ଟଙ୍କା ଓ ୨୦୨୧ରେ ୮କୋଟି ୬ଲକ୍ଷ ୮୧ହଜାର ୭୮୩ ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। ବ୍ୟାପକ ସଚେତନତା ପରେ ବି ସାଇବର୍ ଠକେଇ କମିବାର ନାଁ ଗନ୍ଧ ଧରୁନି। ଭୁବନେଶ୍ୱର ଠକେଇର ୫୦ପ୍ରତିଶତ କେବଳ ଇନ୍‌ଫୋସିଟି ଅଞ୍ଚଳରୁ ଆସିଛି। ସେଠାରେ ଅଧିକରୁ ଅଧିକ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଠକେଇର ଶିକାର ହୋଇଛନ୍ତି। ଗୋଟିଏ ସ୍ଥାନରେ ଚାକିରି କରିବା ପରେ ଘରେ ବସି ପାର୍ଟଟାଇମ ରୋଜଗାର କରିବା ଲୋଭରେ ପଡ଼ି ଅଧିକାଂଶ ଠକେଇର ଶିକାର ହେଉଛନ୍ତି। ତେଣୁ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ଟେଲିଗ୍ରାମ୍‌ରେ କିମ୍ବା ମେସେଞ୍ଜର୍ ଓ ହ୍ୱାଟ୍ସଆପ୍‌ରେ ପରିଚିତଙ୍କ ଫଟୋ କିମ୍ବା ଫୋନ୍ ନମ୍ବରରେ ଟଙ୍କା ମାଗୁଥିଲେ, ଟଙ୍କା ନ ଦେବା ପାଇଁ ସାଇବର ଥାନା ଅଧିକାରିଣୀ ରଶ୍ମିତା ଜେନା କହିଛନ୍ତି। ଏଥିରୁ ଦୂରେଇ ରହିବା ସହ ଟଙ୍କା ଦେବା ପୂର୍ବରୁ ଭଲଭାବେ ତର୍ଜମା କରିବାକୁ ସେ ପରାମର୍ଶ ଦେଇଛନ୍ତି।



## 'ଟେଲିଗ୍ରାମ୍'କୁ ନେଇ ଚିନ୍ତା

ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଓ ଇନ୍‌ଷ୍ଟାଗ୍ରାମ୍‌ରେ ସାଇବର୍ ଠକ ଲୋଭନୀୟ ଅନ୍‌ଲାଇନ୍ ଚାକିରିର ବିଜ୍ଞାପନ ଦେଉଛନ୍ତି। ଏହାକୁ ପଢ଼ି ସେଥିରେ ଥିବା ଲିଙ୍କ୍ କ୍ଲିକ କରିବା ମାତ୍ରେ ତୁରନ୍ତ ତାକୁ ସୋସିଆଲ ମିଡିଆ 'ଟେଲିଗ୍ରାମ୍'ର ଏକ ଗ୍ରୁପ୍‌ରେ ଯୋଡ଼ି ଦିଆଯାଉଛି। ପରେ ସେଥିରେ ଆକ୍ଟିଭ ଥିବା ସାଇବର ଠକ ରୋଜଗାରର ଲୋଭ ଦେଖାଉଛନ୍ତି। ସୋସିଆଲ୍ ମିଡିଆ ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ଗୁଗୁଲ ୱେବ୍‌ସାଇଟ୍‌ରେ ଲାଇକ୍, ସେୟାର ଓ ଭଲଭଲ କମେଣ୍ଟ ଦେଲେ ମୋଟା ଟଙ୍କା ମିଳିବ ବୋଲି କୁହାଯାଉଛି। ଗ୍ରୁପ୍‌ରେ ଥିବା ୟୁଜର୍ସ କିଭଳି ରୋଜଗାର କରୁଛନ୍ତି ତାହାର ଜାଲ ବ୍ୟାଙ୍କ ତଥ୍ୟ ପ୍ରଦାନ କରାଯାଉଛି। ଯେଉଁମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ସେମାନଙ୍କୁ ପ୍ରଥମେ ଲାଇକ୍, ସେୟାର କରିବାକୁ କିଛି ଟାସ୍କ ଦିଆଯାଉଛି। ପରେ ତୁରନ୍ତ କିଛି ଟଙ୍କା ମିଳିବା ଆରମ୍ଭ ହେଉଛି। ଏହାପରେ ବଡ଼ ବଡ଼ ଟାସ୍କ କରିବାକୁ ହେଲେ ଉକ୍ତ ବ୍ୟକ୍ତିକୁ ଆଗ୍ରୀମ ଟଙ୍କା ଦେବାକୁ କୁହାଯାଉଛି। ଏମିତିକି ଏହି ଗ୍ରୁପ୍‌ରେ ପରାମର୍ଶଦାତା, ଶିକ୍ଷକ ଓ ବିଶେଷଜ୍ଞ ରହି ଟଙ୍କା ନିବେଶ କରିବାକୁ ଗ୍ରୁପ୍‌ରେ ଥିବା କିଛି ବ୍ୟକ୍ତି ମନେଇ ଟଙ୍କାର ଲୋଭ ଦେଖାଉଛନ୍ତି। ଟଙ୍କା ଦେବାକୁ ରାଜି ହୋଇଗଲେ ସାଇବର୍ ଠକ ଟଙ୍କା ଠକିବା ଆରମ୍ଭ କରିଦିଅନ୍ତି। ଟଙ୍କା ଫେରସ୍ତ ବେଳକୁ ଆଉ କିଛି ଟଙ୍କା ନିବେଶ କର, ଏକାଥରେ ଟଙ୍କା ମିଳିବ ବୋଲି କୁହନ୍ତି। ପରେ ଆକାଉଣ୍ଟ ବନ୍ଦ କରିଦିଅନ୍ତି ଠକ।

## ବଦଳୁଛି ଠକଙ୍କ ଠିକଣା

ବଦଳୁଛି ସାଇବର୍ ଠକଙ୍କ ସ୍ଥାନ। ଭୁବନେଶ୍ୱରକୁ ଝାଡ଼ଖଣ୍ଡ ପରେ ଏବେ ରାଜସ୍ଥାନରୁ ଅଧିକ କଲ୍ ଆସୁଛି। ରାଜସ୍ଥାନ ସହ ଗୁଜରାଟ, ବିହାର, ଦିଲ୍ଲୀ, ପଶ୍ଚିମବଙ୍ଗ, ପଞ୍ଜାବ, ଗୁରୁଗାଁଓ ଓ ବାଙ୍ଗାଲୁରୁରୁ ଅଧିକ କଲ୍ ଆସୁଛି। ଗତ ଦୁଇବର୍ଷର ସାଇବର୍ ଠକେଇର ତଥ୍ୟ ଦେଖିଲେ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀରୁ ଅଧିକ ଠକେଇ ଟଙ୍କା ଯାଇଛି। ସେଠାରେ ମୋବାଇଲ ବୁଥ୍ ସେଣ୍ଟର ଖୋଲି ପୂରା ଠକ ନେଟ୍‌ୱାର୍କ ଚଳାଇଛନ୍ତି। ଟ୍ରାଇ-ଜଙ୍କସନ ବା ତିନିଟି ରାଜ୍ୟର ସୀମାରେଖାର ଜଙ୍ଗଲରେ ରହି ଠକ ଚଳାଇଛନ୍ତି କଲ୍ ସାମ୍ରାଜ୍ୟ। ରାଜସ୍ଥାନ ଭରତପୁର; ହରିୟାଣାର ମେୱାଟ ଓ ଉତ୍ତରପ୍ରଦେଶର ମଥୁରା ରହିଛି। ସେଭଳି ଆଉ ଏକ ଟ୍ରାଇ-ଜଙ୍କସନ ବା ସୀମାରେଖା ହେଲା ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତ। ସୀମାନ୍ତ ଅଞ୍ଚଳରେ ରହିଥିବା ଦୁର୍ଗମ ଅଞ୍ଚଳରେ ରହି ଦେଶରେ ସର୍ବାଧିକ ଠକେଇ କରୁଛନ୍ତି। ଅନ୍ୟ ରାଜ୍ୟରୁ ପୁଲିସ ଲୋକେସନ ଟ୍ରାକିଂ କରି ଧରିବାକୁ ଆସିଲେ ସୀମା ଡେଇଁ ପାଖ ରାଜ୍ୟକୁ ଯାଇ ଆତ୍ମଗୋପନ କରୁଛନ୍ତି ଠକ।

